







# ମିଳିତ ନିଶା ନିବାରଣ ଅଭିଯାନ (ମନା) ପକ୍ଷରୁ ନିଶା ବିରୋଧୀ ସଚେତନତା କାର୍ଯ୍ୟକ୍ରମ



ବାଲେଶ୍ୱର, (ନି.ପ୍ର.): ମିଳିତ ନିଶା ନିବାରଣ ଅଭିଯାନ (ମନା) ଓ ଭାରତୀୟ ଷ୍ଟେଟବ୍ୟାଙ୍କ, ବାଲେଶ୍ୱର ମୁଖ୍ୟ ଶାଖା ମିଳିତ ସହଯୋଗରେ ସ୍ଥାନୀୟ ସତ୍ୟସାଇ ବିଦ୍ୟାବିହାର, ବାଲେଶ୍ୱରରେ ନିଶା ବିରୋଧି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କର୍ଯ୍ୟକ୍ରମରେ 'ମନା'ର ସଭାପତି ଆଇନଜୀବୀ ପ୍ରଭାକର ସାହୁଙ୍କ ସଭାପତିତ୍ୱରେ ଅତିଥିରୂପେ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ପୂର୍ବତନ ମୁଖ୍ୟ ଚିକିତ୍ସାଧିକାରିଣୀ ଡ. ମିନାକ୍ଷୀ ରାୟ ମହୋଦୟା ପିଲାମାନଙ୍କୁ ନିଶାର ଶାରୀରିକ କୁପ୍ରଭାବ ଓ ବିଭିନ୍ନ ରୋଗ ବିଷୟରେ ଆଲୋଚନା କରିଥିଲେ। 'ମନା'ର ଉପଦେଷ୍ଟା ବିଶିଷ୍ଟ ରୋଟାରିୟାନ୍ ସୁବ୍ରତ କର 'ମନା'ର ସଚେତନତା କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ସାଧାରଣ ସମ୍ପାଦିକା ମମତା ମହାପାତ୍ର ପିଲାମାନଙ୍କୁ ନିଶାଠାରୁ ଦୂରେଇ ରହିବାପାଇଁ ଉପଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମର ଜିଲ୍ଲା ସଂଯୋଜକ ତଥା ଉପସଭାପତି ଡ. କ୍ଷିତୀଶ୍ୱର ଦାଶ ପିଲାମାନଙ୍କୁ ନିଶାର କୁପ୍ରଭାବ କିପରି ପାରିବାରିକ ଜୀବନରୁ ଆରମ୍ଭ କରି ସମାଜକୁ କବଳିତ କରୁଛି, ସେ ବିଷୟରେ ଆଲୋଚନା କରିଥିଲେ। ସତ୍ୟସାଇ ବିଦ୍ୟାବିହାରର ସଭାପତି ରାଜେନ୍ଦ୍ରନାଥ ଖମାରି ଆଜିର ସଚେତନତା କାର୍ଯ୍ୟକ୍ରମ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିବାରୁ ଆନନ୍ଦ ପ୍ରକାଶ କରିଥିଲେ। ଅନ୍ୟତମ ବକ୍ତା ତ୍ରିଦିବ ନାୟକ, କଲ୍ୟାଣୀ ନନ୍ଦ ନିଜନିଜର ବକ୍ତବ୍ୟ ରଖିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ମୀନା କୁମାରୀ ସାମଲ ମ□ ଆହ୍ୱାନ କରିଥିବାବେଳେ ବିଦ୍ୟାଳୟର ଅଧକ୍ଷ ଦାମୋଦର ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ର ସାଇ ସିଦ୍ଧାର୍ଥ ରାଉତ ଏବଂ ଛାତ୍ରୀ ଏସ୍.କେ. ଆରୋହୀ ପାତ୍ର ଆଜିର କାର୍ଯ୍ୟକ୍ରମରେ ନିଜନିଜର ଉପଲବ୍ଧି ପ୍ରକାଶ କରିଥିଲେ। 'ମନା' ପକ୍ଷରୁ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ପ୍ରଫୁଲ୍ଲ କୁମାର ଦାସ, ଗୀତାଞ୍ଜଳି ସିଂହ, ଗୌରାଙ୍ଗ ପାଣିଗ୍ରାହୀ, ଡ. ଲକ୍ଷ୍ମଣ କୁମାର ବିଶ୍ୱାଳ, କବି ପ୍ରଭାକର ସାହୁ, ଗଙ୍ଗାଧର ପୃଷ୍ଟି, ଭାସ୍କର ମିଶ୍ର, ରବିନାରାୟଣ ଭୋଳ, ସରସ୍ୱତୀ ପଣ୍ଡା, କ୍ରିଷ୍ଣା ସାହା, ସଂଗ୍ରାମ କୁମାର ମିଶ୍ର ଓ ସଞ୍ଜୟ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହାୟତା କରିଥିଲେ। ଏହି ଅବସରରେ 'ମନା' ପକ୍ଷରୁ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରାଯାଇଥିଲା। ଏହି ଅବସରରେ 'ମନା'ର ମୁଖପତ୍ର ଓ 'ମନା'ଦ୍ୱାରା ପ୍ରକାଶିତ 'ନୀତିନିଷ୍ଠ ନବକୃଷ୍ଣ' ବିଦ୍ୟାଳୟର କ□ପକ୍ଷଙ୍କୁ ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷୟିତ୍ରୀ ଦିପ୍ତିମୟୀ ସାହୁ ଧନ୍ୟବାଦ ଦେଇଥିଲେ।

# ପ୍ରଶାସନ ପକ୍ଷରୁ ଗଣେଶ ପୂଜା ପାଇଁ ପ୍ରସ୍ତୁତି

## ଶବ୍ଦ ପ୍ରଦୁଷଣ ଉପରେ ଗୁରୁତ୍ୱ



ବାଲେଶ୍ୱର(ନି.ପ୍ର),ମଙ୍ଗଳବାର ସନ୍ଧ୍ୟା ୫ଟା ୩୦ ମିନିଟ୍ ସମୟରେ ଗାନ୍ଧୀ ସ୍ମୃତି ଭବନଠାରେ ବାଲେଶ୍ୱର ଉପଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ବିଭିନ୍ନ ମେଢ଼ କମିଟିର ସଦସ୍ୟମାନଙ୍କୁ ନେଇ ଏକ ଅଗ୍ରିମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସଦର ତହସିଲଦାର, ବାଲେଶ୍ୱର ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ସହଦେବଖୁଣ୍ଟା ଥାନାର ଓଉ ଉପସ୍ଥିତ ଥିଲେ।ବୈଠକରେ ମେଢ଼ କମିଟିଗୁଡ଼ିକ ପକ୍ଷରୁ ଶୋଭାଯାତ୍ରାର ସମୟ ନିର୍ଘଣ୍ଟ, ପରିମଳ ବ୍ୟବସ୍ଥା, ଟ୍ରାଫିକ୍ ନିୟନ୍ତ୍ରଣ ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ ବ୍ୟବସ୍ଥା ସମ୍ପର୍କରେ ଉପସ୍ଥାପିତ ଚିନ୍ତା ଓ ସମସ୍ୟାଗୁଡ଼ିକ ଉପରେ ଆଲୋଚନା କରାଯାଇଥିଲା। ଏହାସହିତ, ନିର୍ଦ୍ଧାରିତ ନିୟମାବଳୀର ଅନୁପାଳନ ସମ୍ପର୍କରେ ପ୍ରଶାସନ ପକ୍ଷରୁ ମେଢ଼ କମିଟିଗୁଡ଼ିକୁ ସଚେତନ କରାଯାଇଥିଲା। ବିଶେଷକରି ମାଟିଠାରୁ ମେଢ଼ର ଉଚ୍ଚତା ୧୨ ଫୁଟ୍ ମଧ୍ୟରେ ସୀମିତ ରଖିବା, ଧ୍ୱନି ପ୍ରଦୂଷଣ ସମ୍ପର୍କିତ ନିର୍ଦ୍ଧାରିତ କଟକଣା ପାଳନ କରିବା ଏବଂ ଅନ୍ୟାନ୍ୟ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି ଭାବେ ଅନୁସରଣ କରିବା ପାଇଁ କମିଟିଗୁଡ଼ିକୁ ପରାମର୍ଶ ଦିଆଯାଇଥିଲା। ଶାନ୍ତିପୂର୍ଣ୍ଣ, ସୁବ୍ୟବସ୍ଥିତ ଓ ସୁରକ୍ଷିତ ଭାବେ ଉତ୍ସବ ପାଳନ ନିମନ୍ତେ ଆଗାମୀ ଦିନରେ ଏକ ବିସ୍ତୃତ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇ ପରବର୍ତ୍ତୀ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରାଯିବ।

# ବନ୍ୟା ପ୍ରଭାବିତ ବଇଁଚା ପଂଚାୟତ ପରିଦର୍ଶନ କରି ସ୍ଥିତି ସମୀକ୍ଷା କଲେ ବାଲେଶ୍ୱର ସଦର ବିଧାୟକ

ବାଲେଶ୍ୱର(ନି.ପ୍ର.): ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବଇଁଚା ପଂଚାୟତର ବିଭିନ୍ନ ବନ୍ୟା ପ୍ରଭାବିତ ଅଂଚଳ ପରିଦର୍ଶନ କରି ବାଲେଶ୍ୱର ସଦର ବିଧାୟକ ଶ୍ରୀ ମାନସ କୁମାର ଦତ୍ତ ବନ୍ୟା ପରିସ୍ଥିତିର ସ୍ଥିତି ସମୀକ୍ଷା କରିଛନ୍ତି। ବନ୍ୟା ପ୍ରଭାବିତ ଅଂଚଳରେ ପହଂଚି ବିପନ୍ନ ପରିବାରଗୁଡ଼ିକୁ ଭେଟି ସେମାନଙ୍କ ଦୁଃଖ, ସମସ୍ୟା ଓ ଆବଶ୍ୟକତା ସମ୍ପର୍କରେ ସିଧାସଳଖ ଅବଗତ ହୋଇଥିଲେ। ବନ୍ୟା ଯୋଗୁଁ ଅନେକ ଅଂଚଳରେ ଯାତାୟାତ, ପାନୀୟ ଜଳ, ବିଦ୍ୟୁତ୍, ରାସ୍ତାଘାଟ ଓ କୃଷି କ୍ଷେତ୍ର ପ୍ରଭାବିତ ହୋଇଥିବାରୁ ବିଧାୟକ ଶ୍ରୀ ଦତ୍ତ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରି ସମସ୍ୟାଗୁଡ଼ିକର ଶୀଘ୍ର ସମାଧାନ ଉପରେ ଗୁରୁତ୍ୱ ଦେଇଥିଲେ। ବନ୍ୟା ବିପନ୍ନଙ୍କ ମଧ୍ୟରେ ରନ୍ଧା ଖାଦ୍ୟ ବ[ନ



କରାଯାଇଥିଲା। ଜଳବନ୍ଦୀ ଓ ବନ୍ୟା ପ୍ରଭାବିତ ପରିବାରଗୁଡ଼ିକ ଯେପରି ଖାଦ୍ୟ ପାଇଁ କୌଣସି ଅସୁବିଧାରେ ନପଡ଼ନ୍ତି, ସେଥିପାଇଁ ଆବଶ୍ୟକ ସ୍ଥାନରେ ରନ୍ଧା ଖାଦ୍ୟ ଯୋଗାଇବା ଓ ଅନ୍ୟାନ୍ୟ ରିଲିଫ୍ ସହାୟତା ଜାରି ରଖିବାକୁ ବିଧାୟକ ଗୁରୁତ୍ୱ ଦେଇଥିଲେ। ବିପଦ ସମୟରେ ମାନବିକତାର ସହ ଲୋକଙ୍କ ପାଖରେ ଠିଆ ହେବା ହିଁ ସମସ୍ତଙ୍କ ପ୍ରାଥମିକ କର୍ତ୍ତବ୍ୟ ବୋଲି ସେ କହିଥିଲେ।ପରିଦର୍ଶନ ସମୟରେ ବନ୍ୟା ଯୋଗୁଁ ହୋଇଥିବା ରାସ୍ତାଘାଟ, ଡ୍ରେନେଜ୍, କୃଷି ଓ ଅନ୍ୟାନ୍ୟ ଭିତ୍ତିଭୂମି କ୍ଷୟକ୍ଷତି ସମ୍ପର୍କରେ ମଧ୍ୟ ସ୍ଥିତି ଅନୁଧ୍ୟାନ କରାଯାଇଥିଲା। କ୍ଷୟକ୍ଷତିର ଠିକ୍ ଆକଳନ କରି ଲୋକଙ୍କ ଆବଶ୍ୟକତା ଅନୁଯାୟୀ ଶୀଘ୍ର ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ କରିବା ପାଇଁ ସମ୍ପୃକ୍ତ ବିଭାଗକୁ କୁହାଯାଇଛି। ବନ୍ୟା ବିପନ୍ନଙ୍କ ସୁରକ୍ଷା, ରିଲିଫ୍ ଓ ପୁନରୁଦ୍ଧାରକୁ ରାଜ୍ୟ ସରକାର ସର୍ବାଧିକ ପ୍ରାଥମିକତା ଦେଉଛନ୍ତି। ବନ୍ୟା ବିପନ୍ନଙ୍କ ସୁରକ୍ଷା, କ୍ଷତିଗ୍ରସ୍ତ ଭିତିଭୂମିର ପୁନରୁଦ୍ଧାର ଓ ଦୀର୍ଘମିଆଦୀ ସମାଧାନ ପାଇଁ ସରକାର ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା କରିଛନ୍ତି।

# ବନ୍ୟା ଛାଡ଼ିଲା :ଦୁର୍ଦ୍ଦଶା ବଢ଼ିଲା

ବାଲେଶ୍ୱର,(ନିପ୍ର); ବାଲେଶ୍ୱରରେ ବନ୍ୟା ଛାଡିଛି ବର୍ଷା ମଧ କାଁଭାଁ ଝିପା ଝିପା ହେଉଥିଲେ ହେଁ ବାଲେଶ୍ୱର ପୌରାଂଚଳ ୩୧ଟି ୱାଡର ମୁଖ୍ୟ ରାସ୍ତା ଯାହାକି ସହରାଂଚଳର ମୁଖ୍ୟ ରାସ୍ତାକୁ ସଂଯୋଗ କରୁଛି ସେସବୁ ରାସ୍ତାର ଅବସ୍ଥା ଅତି ଶୋଚନୀୟ ହୋଇ ପଡିଛି। ଖାଲ ଖମାରେ ଯାତାୟତ କରୁଥିବା ସହରବାସୀ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ମୁଖ୍ୟତଃ ନୂଆବଜାର , ଦର୍ଜୀପୋଖରୀ, ବାଲିଆ, ନୂଆସାହି, ଭୀମପୁରାଛକ, ବାରବାଟୀ,ମାଣିଖମ୍ବ, ଖଲାସୀମହଲା, ନୂରୁପୁରରୋଡ, କିଲାପୋଖରୀ, ସୁନହଟ, ପାତ୍ରପଡା, କଂଛେଇମହଲା,ସୁଏଲପୁର ଇତ୍ୟାଦି ତମାମ ଅଂଚଳରେ କ୍ରମାଗତ ବର୍ଷା ଫଳରେ ବିଷାଳକାୟ ଗର୍ତ ସୃଷ୍ଟି ହୋଇଛି। ତାଛଡା ଆଗାମୀ ସେପ୍ଟେମ୍ବର ମାସ ୧୪ ତାରିଖଠାରୁ ଗଣେଶ ପୂଜା ପାଇଁ ଏବେଠୁ ପୂଜା କମିଟିର କର୍ମକର୍ତା ରାସ୍ତା ଅବରୋଧ କରି ବାଉଁଶ ପୋତିବା ଫଳରେ ଜନସାଧାରଣ ଙ୍କ ପାଇଁ ଯାତାୟତ ନିମନ୍ତେ ସମସ୍ୟା ସୃଷ୍ଟି ହେଉଛି। ଏଣୁ ଜିଲ୍ଲାପ୍ରଶାସନ ପୌରପାଳିକା କର୍ତୃପକ୍ଷ ଓ ପିଡବ୍ଲି ବିଭାଗ ଯଥାଶୀଘ୍ର ସମସ୍ତ ଗର୍ତ ଫ୍ୟାଚିଁ କରିବା ପାଇଁ ଦାବି ହେଉଛି।

## ଓଜେସିର ରିଲିଫ୍ ବଂଟନ କାର୍ଯ୍ୟକ୍ରମ

ବାଲେଶ୍ୱର,(ନିପ୍ର); ବନ୍ୟା ବିପନ୍ନଙ୍କୁ ଓଡିଶା ଜନତା କଂଗ୍ରେସ ପକ୍ଷରୁ ରିଲିଫ୍ ବଂଟନ କରାଯାଇଛି। ବାଲେଶ୍ୱର ସଦର ବ୍ଲକ୍ ଅଧୀନ ଓଲନ୍ଦା ସାରଗାଁ ପଂଚାୟତର ମହାପଡା, କୁରାଡିଆ ପଂଚାୟତର ପରମାନନ୍ଦପୁର ଓ ପୌରପାଳିକାର ୧୮ ଓ ୩୧ ନମ୍ବର ୱାଡ ଅଂଚଳରେ ଓଜେସି ପକ୍ଷରୁ ବିପନ୍ନ ପରିବାରକୁ ରିଲିଫ୍ ସାମଗ୍ରୀ ବଂଟନ କରାଯାଇଥିଲା। ଯୁବନେତା ଅରିଜିତ ଘୋଷାଲଙ୍କ ନେତୃତ୍ୱରେ ଓଜେସି ପ୍ରତିନିଧି ବନ୍ୟା ପ୍ରଭାବିତ ଲୋକଙ୍କ ସହ ଆଲୋଚନା କରି ସେମାନଙ୍କ ସମସ୍ୟା ଓ ଆବଶ୍ୟକତା ସମ୍ପର୍କରେ ଅବଗତ ହୋଇଥିଲେ। କ୍ଷୀରୋଦ ପ୍ରଧାନ, ତପନ ସିଂ, ସ୍ମୃତିତୀର୍ଥ ମହାନ୍ତି, ସଞ୍ଜୟ କୁମାର ଜେନା, ତପନ କୁମାର ଦାସ, କରୁଣାକର ଦାସ, କାଶୀନାଥ ଦାସ, ଶିବ ସେଠୀ, ରଞ୍ଜନ ଧଳ, ଅଶୋକ ମହାଳିକ, ଜୟନ୍ତ ମହାଳିକ ପ୍ରମୁଖ ରିଲିଫ୍ ସାମଗ୍ରୀ ବଂଟନରେ ସହଯୋଗ କରିଥିଲେ। ଓଡିଶା ଯୁବ ଜନତା କଂଗ୍ରେସର ସଭାପତି ଆର୍ଯ୍ୟବୀର ଲେଙ୍କା ଓ ଦୁଷ୍ମନ୍ତ ମଳିକ, ସତ୍ୟଜିତ ମଳିକ, ଆଦିତ୍ୟ ପ୍ରସାଦ ମିଶ୍ର ଓ ସୈନିକ ସୁଭାଶିଷ ସାମଲ ଉପସ୍ଥିତ ରହି ରିଲୀଫ୍ ବଂଟନ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିଥିଲେ। ସରକାର ତୁରନ୍ତ ଆବଶ୍ୟକ ରିଲିଫ ଓ ପୁର୍ନବାସ ସହାୟତା ଯୋଗାଇଦେବା ଆବଶ୍ୟକ ବୋଲି ଯୁବନେତା ଶ୍ରୀ ଲେଙ୍କା ଦାବି କରିଛନ୍ତି।

# ଜଳେଶ୍ୱର ଷ୍ଟେସନ୍‌ରେ ନନ୍-ଇଂଟରଲକିଂ କାର୍ଯ୍ୟ ଚାଲୁଥିବାରୁ ଟ୍ରେନ୍ ସେବା ପ୍ରଭାବିତ

ବାଲେଶ୍ୱର, (ନି.ପ୍ର.): ନାରାୟଣଗଡ଼-ଭଦ୍ରକ ମଧ୍ୟରେ ତୃତୀୟ ରେଳ ଲାଇନ୍ ନିର୍ମାଣ ପାଇଁ ଜଳେଶ୍ୱର ୟାର୍ଡରେ ୟାର୍ଡ ରିମଡେଲିଂ କାର୍ଯ୍ୟ ସମ୍ପର୍କିତ ନନ୍-ଇଂଟରଲକିଂ କାର୍ଯ୍ୟ ଅଗଷ୍ଟ ୨୪ରୁ ୩୦ ପର୍ଯ୍ୟନ୍ତ ଚାଲିବ। ଏହା ଯୋଗୁଁ ଖଡ଼ଗପୁର ଡିଭିଜନ୍‌ରେ ଅନେକ ଟ୍ରେନ୍‌ର ଚଳାଚଳ ବାତିଲ୍? ଓ ପୁନଃନିର୍ଦ୍ଧାରିତ ହେବ।୬୮୦୨୧/୬୮୦୨୨ ଖଡ଼ଗପୁର-ବାଲେଶ୍ୱର-ଖଡ଼ଗପୁର ମେମୁ ଟ୍ରେନ୍? ଅଗଷ୍ଟ ୨୪ରୁ ୨୯ ପର୍ଯ୍ୟନ୍ତ ବାତିଲ୍? ରହିବ। ସେହିପରି ୬୮୦୪୯/୬୮୦୫୦ ଖଡ଼ଗପୁର-ଭଦ୍ରକ-ଖଡ଼ଗପୁର ମେମୁ ଏବଂ ୬୮୦୫୨/୬୮୦୫୧ ଭଦ୍ରକ-ବାଲେଶ୍ୱର-ଭଦ୍ରକ ମେମୁ ଅଗଷ୍ଟ ୨୪ରୁ ୩୦ ପର୍ଯ୍ୟନ୍ତ ବାତିଲ୍ ରହିବ।ଏହା ବ୍ୟତୀତ ଅନେକ ଦୂରଗାମୀ ଏକ୍ସପ୍ରେସ୍ ଟ୍ରେନ୍‌ର ସମୟ ମଧ୍ୟ ପରିବର୍ତ୍ତନ କରାଯାଇଛି। ୧୬୨୨୪ ରାଧିକାପୁର-ଏସ୍?ଏମ୍‌ଭିଟି ବେଙ୍ଗାଲୁରୁ ଏକ୍ସପ୍ରେସ୍ ଅଗଷ୍ଟ ୨୩ରେ ରାଧିକାପୁରରୁ ୨୬୦ ମିନିଟ୍ ବିଳମ୍ବରେ ଛାଡ଼ିବ। ୧୨୮୭୬ ଏଏନ୍‌ଭିଟି-ପୁରୀ ନୀଳାଚଳ ଏକ୍ସପ୍ରେସ୍ ଅଗଷ୍ଟ ୨୩ ଓ ୨୫ରେ ୬୦ ମିନିଟ୍ ବିଳମ୍ବରେ




ଚାଲିବ।୧୨୭୦୩ ହାୱଡ଼ା-ସିକନ୍ଦରାବାଦ ଫାଲକନୁମା ଏକ୍ସପ୍ରେସ୍ ଅଗଷ୍ଟ ୨୪ରେ ୧୫୦ ମିନିଟ୍?, ଅଗଷ୍ଟ ୨୬ରେ ୧୨୦ ମିନିଟ୍ ଏବଂ ଅଗଷ୍ଟ ୨୮ରେ ୨୭୦ ମିନିଟ୍ ବିଳମ୍ବରେ ଚାଲିବ। ୧୨୮୨୧ ହାୱଡ଼ା-ପୁରୀ ଧଉଳି ଏକ୍ସପ୍ରେସ୍ ଅଗଷ୍ଟ ୨୪ରେ ୧୨୦ ମିନିଟ୍ ଏବଂ ଅଗଷ୍ଟ ୩୦ରେ ୨୪୦ ମିନିଟ୍ ବିଳମ୍ବରେ ଚାଲିବ।୧୨୨୪୬ ଏସ୍‌ଏମ୍‌ଭିବି-ହାୱଡ଼ା ଦୁରନ୍ତୋ ଏକ୍ସପ୍ରେସ୍, ୧୨୭୦୪ ସିକନ୍ଦରାବାଦ-ହାୱଡ଼ା ଫାଲକନାମା ଏକ୍ସପ୍ରେସ୍, ୨୨୮୨୩ ଭୁବନେଶ୍ୱର-ନୂଆଦିଲ୍ଲୀ ରାଜଧାନୀ ଏକ୍ସପ୍ରେସ୍, ୨୨୮୨୪ ନୂଆଦିଲ୍ଲୀ-ଭୁବନେଶ୍ୱର ରାଜଧାନୀ ଏକ୍ସପ୍ରେସ୍, ୧୨୫୦୪ ଅଗରତାଲା-ଏସ୍‌ଏମ୍‌ଭିଟି ବେଙ୍ଗାଲୁରୁ ଏକ୍ସପ୍ରେସ୍, ୧୨୫୫୧ ଏସ୍‌ଏମ୍‌ଭିଟି ବେଙ୍ଗାଲୁରୁ-କାମାକ୍ଷା ଏକ୍ସପ୍ରେସ୍, ୧୮୦୬୪ ୱାଇଏନ୍‌କେ-ଏସ୍‌ଆରସି ଏକ୍ସପ୍ରେସ୍ ଏବଂ ୧୬୫୯୭ ଏସ୍‌ଏମ୍‌ଭିଟି ବେଙ୍ଗାଲୁରୁ-ଏପିଡିଜେ ଅମୃତ ଭାରତ ଏକ୍ସପ୍ରେସ୍ ସମେତ ଅନ୍ୟାନ୍ୟ ଟ୍ରେନ୍‌ର ଚଳାଚଳ ସମୟ ମଧ୍ୟ ପରିବର୍ତ୍ତନ କରାଯାଇଛି।ଅଗଷ୍ଟ ୩୦ରେ ୧୮୦୪୫ ଶାଲିମାର-ଚେନ୍ନାଇ ସେଂଟ୍ରାଲ୍ ଇଷ୍ଟ କୋଷ୍ଟ ଏକ୍ସପ୍ରେସ୍, ୨୨୮୧୧ ଭୁବନେଶ୍ୱର-ନୂଆଦିଲ୍ଲୀ ରାଜଧାନୀ ଏକ୍ସପ୍ରେସ୍ ଏବଂ ୧୨୨୪୫ ହାୱଡ଼ା-ଏସ୍‌ଏମ୍‌ଭିଟି ବେଙ୍ଗାଲୁରୁ ଦୁରନ୍ତୋ ଏକ୍ସପ୍ରେସ୍ ୧୨୦ ମିନିଟ୍ ବିଳମ୍ବରେ ଚାଲିବ। ଯାତ୍ରୀମାନଙ୍କୁ ଉପରୋକ୍ତ ପରିବର୍ତ୍ତନ ସମ୍ପର୍କରେ ଅବଗତ ରହି ଯାତ୍ରା ଯୋଜନା କରିବାକୁ ରେଳବାଇ ପକ୍ଷରୁ ପରାମର୍ଶ ଦିଆଯାଇଛି।

# ଫକୀର ମୋହନ କଲେଜ ପୁରାତନ ଛାତ୍ର ସଂସଦ ପକ୍ଷରୁ ଆୟୋଜିତ ହେଲା ବର୍ଷା କବିତା କୋଲାଜ୍

ବାଲେଶ୍ୱର,(ନି.ପ୍ର.): ଫକୀର ମୋହନ କଲେଜ ପୁରାତନ ଛାତ୍ର ସଂସଦ ଆନୁକୂଲ୍ୟରେ ସଂସଦ କାର୍ଯ୍ୟାଳୟ ପରିସରରେ 'କଦମ୍ବ ଫୁଟିଲା ସହି' ଶୀର୍ଷକ ବର୍ଷା କବିତା କୋଲାଜ୍ ଓ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି।ସଂସଦର ସଭାପତି ତଥା ବିଶିଷ୍ଟ କଥାକାର ଡାକ୍ତର ପ୍ରଭାତ ଚନ୍ଦ୍ର ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସାରସ୍ୱତ ଆସରକୁ ସଂସଦର ସାଧାରଣ ସମ୍ପାଦକ ଡ଼କ୍ଟର ରାଧାରଞ୍ଜନ ପଟ୍ଟନାୟକ ସଂଚାଳନ କରିବା ସହ କାର୍ଯ୍ୟକ୍ରମର ମୁଖ୍ୟ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ?କାର୍ଯ୍ୟକ୍ରମର ପ୍ରାରମ୍ଭରେ ବାଲେଶ୍ୱର ଆଇନ କଲେଜର ଅନ୍ୟତମ ପ୍ରତିଷ୍ଠାତା ତଥା ବିଶିଷ୍ଟ ଆଇନଜୀବୀ ସ୍ୱର୍ଗତଃ ପ୍ରଶାନ୍ତ ଚାନ୍ଦଙ୍କ ବିୟୋଗରେ ଏକ ମିନିଟ୍ ନୀରବ ପ୍ରାର୍ଥନା କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏହାପରେ ସଂସଦର ସାଂସ୍କୃତିକ ସମ୍ପାଦକ ତଥା ସଙ୍ଗୀତ ବିଶାରଦ ଅମୃତାଂଶୁ ପଟ୍ଟନାୟକ ଜଗନ୍ନାଥ ଭଜନ ପରିବେଷଣ କରି ଆସରକୁ ଭାବମୟ କରିଥିଲେ। ଏହି ସମାରୋହରେ 'ସମାଜ' (ଉତ୍ତର ଓଡ଼ିଶା ସଂସ୍କରଣ)ର ସମ୍ବାଦ ବ୍ୟୁରୋ ମୁଖ୍ୟ କୁଳମଣି ବାରିକ ବରେଣ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ମେଘ ମାଟିକୁ ଶୀତଳ କରୁଥିବା ବେଳେ କବି ଓ ଲେଖକ ସମାଜକୁ ଶାନ୍ତ ଓ ସ୍ନିଗ୍ଧ କରିଥାନ୍ତି। ଆଜିର ଯୁଦ୍ଧବିଭୀଷିକାମୟ ପୃଥିବୀରେ ଏଭଳି କବିତା ପାଠ ଆଶା ଓ ବିଶ୍ୱାସର ଏକ ଅଭିନବ ପ୍ରୟାସ। ବର୍ଷା ଜୀବନ ସଂଚାର କରେ ଏବଂ ସୃଜନଶୀଳତାର ନୂତନ ଆଲୋକ ଦେଖାଏ।



ଅନ୍ୟତମ ଅତିଥି କବି ଅଭୟ ଦାସ ବର୍ଷାକୁ ଶୀତଳତାର ଆହ୍ଲାଦ ଓ କବି ହୃଦୟରେ ନୂତନ ଶବ୍ଦର ଉନ୍ମେଷ ବୋଲି ବ୍ୟାଖ୍ୟା କରିଥିଲେ। ସେହିପରି କବି କାଳିପଦ ପଣ୍ଡା ନିଜ ଅନୁଭୂତିରୁ କହିଥିଲେ ଯେ, ଓଳି ତଳେ କାଗଜ ଡଙ୍ଗା ଭସାଇବାର ସ୍ମୃତି ଆଜି ବିରଳ। ସେ କାଳିଦାସଙ୍କ 'ମେଘଦୂତ'ର ଉଦାହରଣ ଦେଇ ବର୍ଷାକୁ ଜଗତର ରାଣୀ ଭାବେ ଅଭିହିତ କରିଥିଲେ।ଛାତ୍ର ସଂସଦର ପ୍ରଥମ ସାଧାରଣ ସମ୍ପାଦକ ତଥା ଅବସରପ୍ରାପ୍ତ ପ୍ରଫେସର ଡକ୍ଟର ରମାକାନ୍ତ ନାୟକ ଯୋଗଦେଇ 'କଦମ୍ବ'କୁ ଉଲ୍ଲାସ ଓ ଉଦ୍ଦୀପନାର ପ୍ରତୀକ ଭାବେ ଦର୍ଶାଇବା ସହ ପଠିତ କବିତାଗୁଡ଼ିକର ଆଙ୍ଗିକ ଓ ଆତ୍ମିକ ଦିଗ ଉପରେ ଚର୍ଚ୍ଚା କରିଥିଲେ। ସଂସଦର ପୂର୍ବତନ ସାଧାରଣ ସମ୍ପାଦକ ପ୍ରସନ୍ନ କୁମାର ପାଣିଗ୍ରାହୀ ଏଭଳି ସୃଜନଶୀଳ ଆସର ମାନବୀୟ ସମ୍ପର୍କକୁ ଅଧିକ ଦୃଢ଼ କରେ ବୋଲି ମତବ୍ୟକ୍ତ କରିଥିଲେ। ?ସଭାପତି ଡାକ୍ତର ପ୍ରଭାତ ଚନ୍ଦ୍ର ଚୌଧୁରୀ ନିମନ୍ତ୍ରିତ କବି ଓ ଅତିଥିମାନଙ୍କୁ ସ୍ୱାଗତ କରି କହିଥିଲେ ଯେ,ସଂସଦ ସାରା ବର୍ଷ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା, ରକ୍ତଦାନ, ବୃକ୍ଷରୋପଣ ଓ ଅନ୍ୟାନ୍ୟ ସଚେତନତାମୂଳକ କାର୍ଯ୍ୟକ୍ରମ କରିଆସୁଥିବା ବେଳେ 'କଦମ୍ବ ଫୁଟିଲା ସହି' ଭଳି ସାରସ୍ୱତ କାର୍ଯ୍ୟକ୍ରମ ଅନୁଷ୍ଠାନ ପାଇଁ ଏକ ନୂତନ ଫର୍ଦ୍ଦ ଯୋଡ଼ି ପାରିଛି। କେବଳ ସେତିକି ନୁହେଁ , ଅନେକ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ସଂସଦ ତାର ଗାରିମା ବଜାୟ ରଖିପାରିଛି ବୋଲି ସେ ପ୍ରକାଶ କରିବା ସହ ସମସ୍ତଙ୍କ ସହଯୋଗ ଲୋଡ଼ିଥିଲେ। ?ଏହି ସାରସ୍ୱତ ଆସରରେ କବି ଅଭୟ ଦାସ, ଡକ୍ଟର ରମାକାନ୍ତ ନାୟକ, ମନସ୍ୱିନୀ ଦେବୀ, ଜ୍ୟୋସ୍ନା ରାଣୀ ରାୟ, ପ୍ରତିମା ପଣ୍ଡା, ପ୍ରବୀର କମିଳା, ପ୍ରୀତିଲେଖା ଦାସ, ଜୟନ୍ତ ହଂସରାଜ,ପୀତମ୍ବର ଦାସ, ଦୀନବନ୍ଧୁ ଲେଙ୍କା, ଡକ୍ଟର ରାଧାରଞ୍ଜନ ପଟ୍ଟନାୟକ, ଚିତ୍ରାରାଣୀ ପାତ୍ର, ସୁଧାକର ସେଠୀ, ଅଜୟ କୁମାର ରାଉଳ, ସଂଗୀତା ରଥ, ରଶ୍ମି ରଞ୍ଜନ ଦାସ ଓ କଲ୍ୟାଣୀ ନନ୍ଦ ପ୍ରମୁଖ ସ୍ୱରଚିତ ବର୍ଷା ଭିତିକ କବିତା ପାଠ କରିଥିଲେ।କାର୍ଯ୍ୟକ୍ରମର ପରିଚାଳନାରେ ଶ୍ରୀ ରାମଚନ୍ଦ୍ର ସେଠୀ, ଦେବାଶିଷ ପାଣି, ଡକ୍ଟର ଶତ୍ରୁଘ୍ନ ମଲ୍ଲିକ, ପାର୍ଥସାରଥୀ ଆଶ, ପ୍ରଶାନ୍ତ ପାଢୀ, ଯଶୋଦାନନ୍ଦନ ଆଶ, ଶରତ କୁମାର ମିଶ୍ର ଓ ହିମାଂଶୁ ଦାସ, ରଶ୍ମିରଞ୍ଜନ ଦାସ,ଦିଲ୍ଲୀପ କୁମାର ପଣ୍ଡା ଶରତ କୁମାର ମିଶ୍ର ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ସଂସଦର ସାଂସ୍କୃତିକ ସମ୍ପାଦକ ଅମୃତାଂଶୁ ପଟ୍ଟନାୟକ ଉପସ୍ଥିତ ସମସ୍ତ ସଦସ୍ୟମାନଙ୍କୁ ଧନ୍ୟବାଦ ଅର୍ପଣ କରିବା ସହ ସହଯୋଗ କାମନା କରିଥିଲେ।

# ଦୁର୍ଦ୍ଦଶା ଘେରରେ ବନ୍ୟା ପ୍ରପୀଡ଼ିତ ଅଂଚଳବାସୀ

## ବନ୍ୟା ପାଣି ରେ ବୁଡ଼ିଲା ହ୍ୟାଣ୍ଡ ପମ୍ପ

ବୁଢ଼ାବଳଙ୍ଗ ନଦୀ ର ଉଛୁଳା ବନ୍ୟା ପାଣି ରେ ଆଜି ଦିନ ବାରଟା ବେଳ କୁ ଘୋଡାପଦା ଗାଁ ର ଜନୈକା ମହିଳାଙ୍କ ଘର ପଛ ପଟେ ଥିବା ହ୍ୟାଣ୍ଡ ପମ୍ପ ଦୁଇ ଫୁଟ ଜଳ ରେ ବୁଡି ଯାଇଛି। ତେଣୁ ଗ୍ରାମ ର ଲୋକ ମାନେ ବାଧ ହୋଇ ଗାଁ ର ପ୍ରବେଶ ପଥରେ ଥିବା ଶିବ ମନ୍ଦିର ନିକଟରେ ଥିବା ହ୍ୟାଣ୍ଡ ପମ୍ପ (ଟ୍ୟୁବ ୱେଲ )ରୁ ସ୍ୱଚ୍ଛ ପାନୀୟ ଜଳ ଆଣି ଘରେ ରଖୁଛନ୍ତି।

## ୱାର୍ଡ ର ଏକ ମାତ୍ର ଭରସା ଟ୍ୟୁବ ୱେଲ

ବନ୍ୟା ପାଣି ହଉ ହୁ ହୁ ହୋଇ ବଢ଼ିବାରେ ଲାଗିଛି। ଶିମିଳିପାଳ ରୁ ବାହାରିଥିବା ନଦୀ ବୁଢା ବଳଙ୍ଗ ର ଉପର ମୁଣ୍ଡରେ ଲଗାଣ ବର୍ଷା ଯୋଗୁଁ, ଚିପଟ, ଜରାଳି, ସରାଳୀ, ଗଙ୍ଗା ହାର, ସୋନ ନଦୀ ଓ ଛୋଟ ବଡ଼ ନାଳ ର ପାଣି ବଳଙ୍ଗ ରେ ମିଶି ଜଳ ସ୍ତର ବୃଦ୍ଧି ପାଉଛି। ଆଗାମୀ ବାର ଘ[। ପର୍ଯ୍ୟନ୍ତ ବାଲେଶ୍ୱର ସଦର ବ୍ଲକ ର ବିଭିନ୍ନ ପଂଚାୟତ ରେ ବନ୍ୟା ଜଳ ଭୟଙ୍କର ପରିସ୍ଥିତି ସୃଷ୍ଟି କରିବାକୁ ଯାଉଛି। ନେତା, ଅଫିସର, ପ୍ରଶାସନ ସଭିଏଁ ଖାଲି ବନ୍ୟାଂଚଳ ପରିଦର୍ଶନ ଓ ସମୀକ୍ଷାରେ ବ୍ୟସ୍ତ। ମୁଖ୍ୟ ଶାସନ ସଚିବ, ରାଜସ୍ୱ ମନ୍ତ୍ରୀ, ରିଲିଫ କମିଶନର ଙ୍କୁ ଘନ ଘନ ଇ -ମେଲ ପଠା ଯାଉଛି ଓ ଆଭାସୀ ସମୀକ୍ଷା ଚାଲିଛି ହେଲେ ଗ୍ରାଉଣ୍ଡ ଜିରୋ ରେ ଯାହା ଦେଖିଲୁ ତାହା ହୃଦୟ ବିଦାରକ।

## ଜରି କି ପଲିଥିନ ପାଇଁ ଦାବି

ବାଲେଶ୍ୱର (ନି.ପ୍ର.) ମାସକ ମଧ୍ୟରେ ବୁଢାବଳଙ୍ଗ ନଦୀରେ ଚାରିଥର ବନ୍ୟା ଆସି ନଦୀ ପାଖରେ ଥିବା ବଇଁଚା ପଂଚାୟତ ଲଙ୍କ ଖିନଭିନ କରିଦେଇଛି। ବୈଂଚା ପଂଚାୟତ ର ଘୋଡାପଦା ଗ୍ରାମ ଖାଲୁଆ ଅଂଚଳ ରେ ରହିଥିବା ବେଳେ ପ୍ରତିବର୍ଷ ଗାଁ ରେ ବନ୍ୟା ଜଳ ପ୍ରବେଶ କରେ. ତେଣୁ ବଳଙ୍ଗ ନଦୀ ଗ୍ରାମବାସୀ ଙ୍କ ପାଇଁ ହୋ ୟୋଙ୍ଗ ହୋ ପାଲଟି ଯାଇଛି.। ଗ୍ରାମ ର ଅଧିକାଂଶ ଲୋକ ନିରକ୍ଷର ଓ ଦିନ ମଜୁରିଆ ଅଟନ୍ତି। ଅନେକ ଲୋକଙ୍କ ଆୟ ଅତ୍ୟନ୍ତ କମ ଅଟେ। ତେବେ ଘର ର ମହିଳା ମାନେ ଦୁଇ ତିନୋଟି ଦେଶୀ ଗାଈ ରଖି କ୍ଷୀର ବିକି ସଂସାର ରଥକୁ ଗଡ଼ାଇବାରେ ସ୍ୱାମୀଙ୍କୁ ସହାୟତା କରନ୍ତି। ତଫସିଲ ଭୁକ୍ତ ଜାତି ଓ ଖଣ୍ଡାୟତ ଲୋକଙ୍କ ସଂଖ୍ୟା ଏହି ଗାଁ ରେ ଅଧିକ। ଗତ କାଲିର ଲଗାଣ ବର୍ଷା ଯୋଗୁଁ ଆଜି ପୂର୍ବାହ୍ନ ଠାରୁ ବଳଙ୍ଗ ନଦୀର ଜଳ ଗାଁ ରେ ପଶୁଚି ଓ ଜଳ ସ୍ତର ବଢ଼ିବାରେ ଲାଗିଛି. ଗତ ଗ୍ଧଷବଭସଭବକ୍ସ ଗାଁ ନାଳ ରେ ପୂର୍ବ ବନ୍ୟା କ୍ସ ଜଳ ସମ୍ପୂର୍ଣ୍ଣ ଶୁଖି ଯାଇଥିଲା। ତେବେ ଆଜି ଘୋଡା ପଦା ଶିବ ମନ୍ଦିର ପାଖ ନାଳ ଦେଇ ବଳଙ୍ଗ ର ବନ୍ୟା ଜଳ ପଶୁଚି।

# ଜେ ସି ବି ଲଗାଇ ୱାର୍ଡ ସଭ୍ୟା ମାମୁନି କାଟିଦେଲେ ମୁଖ୍ୟ ରାସ୍ତା !

ବାଲେଶ୍ୱର(ନି.ପ୍ର.)ବୁଢା ବଳଙ୍ଗ ରେ ଅଜସ୍ର ବନ୍ୟା ଜଳ। ତା ସାଙ୍ଗକୁ ଜଳକା ନଦୀ ର ବନ୍ୟା ଜଳ ଠେସୁଛି। ଉଭୟ ନଦୀ ରେ ଉଛୁଳା ବନ୍ୟା ଜଳ ଏବେ ମିଶି ଯାଇ ପରୀକ୍ଷୀ ପଂଚାୟତ ର ଚାଷ ଜମି ଓ ଘର ବାରି ଜମି କୁ ଏକାକାର କରିସାରିଲାଣି। ତେବେ ଏହି ପଂଚାୟତ ର ଏକ ନମ୍ବର ୱାର୍ଡ ର ୱାର୍ଡ ସଭ୍ୟା ତଥା ହରିପୁର ର ତଥା କଥିତ ନାରୀ ନେତ୍ରୀ ମାମୁନି ହାତୀ ସ୍ଥାନୀୟ ଗ୍ରାମବାସୀ, ରାଜସ୍ୱ ନିରୀକ୍ଷକ, ପରୀକ୍ଷୀ ଫାଣ୍ଡି ର ଦୁଇ ଜଣ କର୍ମଚାରୀ ଓ ସରପଂଚ କାର୍ତିକ ଚନ୍ଦ୍ର ରାଉତ ଙ୍କ ବାରଣ ସତ୍ତ୍ୱେ ହରିପୁର ନିକଟରେ ପ୍ରଥମେ ଯୁବକ ମାନଙ୍କୁ ଲଗାଇ ଓ ପରେ ଜେ ସି ବି



ମେସିନ ଲଗାଇ ବାଲେଶ୍ୱର ଓ କସାଫଳ କୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା କୁ କାଟି ଦେଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହା ଫଳରେ ହରିପୁରର ଚାଷ ଜମିରେ ଜମି ରହିଥିବା ବନ୍ୟା ଜଳ ହଣା ଗୋଠ ର ବାର ନମ୍ବର ୱାର୍ଡ ଆଡ଼କୁ ପ୍ରବାହିତ ହେବ ବୋଲି ମାମୁନି ଆଶା କରିଥିଲେ.। ମାତ୍ର ଯେଉଁ ସ୍ଥାନ ରେ ରାସ୍ତା କୁ ଦିନ ତିନିଟା ରେ କଟାଯାଇଛି ସେହି ସ୍ଥାନ ର ଉଚ୍ଚତା ଅଧିକ ଥିବାରୁ ସେତେ ଅଧିକ ପରିମାଣ ର ବନ୍ୟା ଜଳ କଟୁ ନାହିଁ। ତଥାପି ହଣା ଗୋଠ ର ଗ୍ରାମ ବାସୀ ମାନେ ମାମୁନି ହାତୀ ଙ୍କ ବିରୋଧରେ ଏକ ଏତଲା ପରୀକ୍ଷୀ ଫାଣ୍ଡି ରେ ଦେବାକୁ ନିଷ୍ପତି ନେଇଛନ୍ତି. ଆଗାମୀ ମଙ୍ଗଳବାର ଉପଜିଲ୍ଲପାଳ, ସଦର ତହସିଲଦାର ଓ ସ୍ଥାନୀୟ ରାଜସ୍ୱ ନିରୀକ୍ଷକଙ୍କୁ ଙ୍କବଙ୍କଙ୍କଭସ ବଳ ପୂର୍ବକ ଜନସାଧାରଣ ଙ୍କ ବ୍ୟବହାର ଉପଯୋଗୀ ରାସ୍ତା କୁ ଲୋକ ବଳ ଓ ଜେ ସି ବି ଲଗାଇ କାଟି ଦେଇଥିବା ଅଭିଯୋଗ କରିବେ ବୋଲି କହିଛନ୍ତି। ନିଜ ୱାର୍ଡ ର ଠକ ସାହୁ ଛ 'ଟି ହ୍ୟୁମ ପାଇପ କୁ ପୋତି ପାଣି ନାଳ ବନ୍ଦ କରି ଚାଷ ଜମି କୁ କାନଭର୍ସନ କରାଇ ଘର ବାରି ରେ ପଟ୍ଟା ପାଇଥିଲା ବେଳେ ୱାର୍ଡ ସଭ୍ୟା ଶ୍ରୀ ସାହୁ ଙ୍କ ବେଆଇନ କାମ କୁ ବିରୋଧ ନ କରି ଇର୍ଷା ପରାୟଣ ହୋଇ ରାସ୍ତା କାଟିଥିବା ହଣା ଗୋଠ ର ଲୋକେ ଅଭିଯୋଗ କରିଛନ୍ତି।

# ସରକାରୀ ପଲିଟେକ୍ନିକ୍‌ରେ ନିଶାମୁକ୍ତ ଭାରତ ଅଭିଯାନ

ବାଲେଶ୍ୱର,(ନିପ୍ର); ରେମୁଣା ବିଦ୍ୟାଧରପୁର ସ୍ଥିତ ସରକାରୀ ପଲିଟେକ୍ନିକ ବାଲେଶ୍ୱର ପରିସରରେ ନିଶାମୁକ୍ତ ଭାରତ ଅଭିଯାନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଅଧକ୍ଷ ଡ.ଲକ୍ଷ୍ମୀଧର ଜେନାଙ୍କ ଅଧ୍ୟକ୍ଷତାରେ ଅଭିଯାନ ଉପରେ ଆଲୋଚନା ଓ ଶପଥ ପାଠ କରାଯାଇଥିଲା। ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର କାର୍ଯ୍ୟକର୍ତା ଘନଶ୍ୟାମ ନାୟକ ନିଶା ନିବାରଣ ପାଇଁ ଶପଥ ପାଠ କରାଇଥିଲେ। ବିଭିନ୍ନ ଉପଦେଶ ଦେଇ ନିଶା ଦ୍ରବ୍ୟଠାରୁ ଦୂରେଇ ରହିବା ପାଇଁ ପରାମର୍ଶ ଦେଇଥିଲେ। କୁଅଭ୍ୟାସରେ ପ୍ରଭାବିତ ନହେବା ନିୟମିତ ଯୋଗ,ଧ୍ୟାନ ଓ ବ୍ୟାୟାମ କରିବାକୁ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ। ନିଶାମୁକ୍ତ ଭାରତ ଗଡନ ଦିଗରେ ସଚେତନତା ନାରା ଦିଆଯାଇଥିଲା। ଏହି ଅବସରରେ ସମସ୍ତ ଛାତ୍ରଛାତ୍ରୀ,ଅଧ୍ୟାପକ ଅଧ୍ୟାପିକା, ଶିକ୍ଷକ,ଶିକ୍ଷୟତ୍ରୀ ଓ ଅଣଶିକ୍ଷକ କର୍ମଚାରୀ ନିଶା ସେବନରୁ ଦୂରେଇ ରହି ପଲିଟେକ୍ନିକକୁ ନିଶାମୁକ୍ତ ଅନୁଷ୍ଠାନ ଭାବେ ଗଢିତୋଳିବାକୁ ଶପଥ ନେଇଥିଲେ। ମୁକ୍ତିକାନ୍ତ ପାଢୀ ପରିଚାଳନା କରିବା ସହ ଧନ୍ୟବାଦ ଦେଇଥିଲେ।




# ଜିଲ୍ଲାସ୍ତରୀୟ ସଙ୍କଟ ପରିଚାଳନା କମିଟି ବୈଠକ ଅନୁଷ୍ଠିତ

ଖୋର୍ଦ୍ଧା(ନିପ୍ର):: ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ ସାଫଲ୍ୟ ମଣ୍ଡିତ ପ୍ରଧାନ ଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସ୍ତରୀୟ ସଙ୍କଟ ପରିଚାଳନା କମିଟି ବୈଠକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଜୟୀ ରାଜଗୁରୁ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ବୈଠକରେ ଅତିରିକ୍ତ ଉପାୟୁକ୍ତ ଭୁବନେଶ୍ୱର କମିଶନରେଟ ପୋଲିସ୍ ସୁନାରାମ ହେମ୍ବ୍ରମ୍, ଉପ ନିର୍ଦ୍ଦେଶକ, କାରଖାନା ଓ ବାଷ୍ପୀୟ ଅବନିକାନ୍ତ ନାୟକ, ସହକାରୀ ନିର୍ଦ୍ଦେଶକ, କାରଖାନା ଓ ବାଷ୍ପୀୟ ଚନ୍ଦ୍ରକାନ୍ତ ଦଲାଇ, ଡେପୁଟୀ କଲେକ୍ଟର, ଜରୁରୀ, ଶ୍ରୀତପା ମିଶ୍ର ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ



କରିଥିଲେ । ପ୍ରତ୍ୟେକ କାରଖାନା, ଚିକିତ୍ସାଳୟ, ବିଦ୍ୟାଳୟ ମାନଙ୍କରେ ଯେଉଁଭଳି ଅଗ୍ନି ନିର୍ବାପକ ଯନ୍ତ୍ର ନିଶ୍ଚିତ ଭାବରେ ମହଜୁଦ ଥାଏ ସେଥି ପ୍ରତି ଅଗ୍ନିଶମ ଅଧିକାରୀ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ ଅଧ୍ୟକ୍ଷ ଶ୍ରୀ ପ୍ରଧାନ ନିର୍ଦ୍ଦେଶ ଦେଇଥିଲେ । ସେହିପରି ଅଧ୍ୟକ୍ଷ ଖୋର୍ଦ୍ଧା ଜିଲ୍ଲା ରେ ଥିବା ମୋଟ ଛୋଟ ମୋଟ ୮୫୫ ଶିଳ୍ପ କାରଖାନାର ସଙ୍କଟ ଜନିତ ପରିଚାଳନା ସମୀକ୍ଷା କରି ଉପଖଣ୍ଡ ସ୍ତରୀୟ ସଙ୍କଟ ପରିଚାଳନା କମିଟି ଆୟୋଜନ କରିବାକୁ ଉପ ନିର୍ଦ୍ଦେଶକ କାରଖାନା ଓ ବାଷ୍ପୀୟ ଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଖୋର୍ଦ୍ଧା ଜାତୀୟ ମାର୍ଗ ଦେଇ ପରିବହନ କରୁଥିବା ଗ୍ୟାସ ଜାନଗୁଡ଼ିକରେ ସୁରକ୍ଷା ବିଧେୟ ସୂଚନା ଲେଖିବା ଉପରେ ଅଧ୍ୟକ୍ଷ ଗୁରୁତ୍ୱାରୋପ କରିଥିଲେ । ଭାରତୀୟ ତୈଳ ନିଗମ, ରନ୍ଧନ ଗ୍ୟାସ କାରଖାନା, ଭୁବନେଶ୍ୱର, ଜଳ ନିଗମ, ଭୁବନେଶ୍ୱର ର ଜଳ ବିଶୁଦ୍ଧିକରଣ ପ୍ଲାଂଟ, ଭାରତୀୟ ଗ୍ୟାସ କର୍ତ୍ତୃପକ୍ଷ (ଗେଲ ଇଣ୍ଡିଆ) ଲିମିଟେଡ, ଭୁବନେଶ୍ୱର, ଓଡ଼ିଶା ପରିମଳ ବିଶୁଦ୍ଧି କରଣ ପ୍ଲାଂଟ, ସାବ୍ରୀ ଖାଦ୍ୟ ଉତ୍ପାଦନ କାରଖାନା, ଭାରତୀୟ ତୈଳ ନିଗମ ପାଇପ୍ ଲାଇନ୍ ଡିଭିଜନ, ଜଟଣୀ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅପତ କାଳୀନ ସମୟରେ ସୁରକ୍ଷା ନିମନ୍ତେ ମକ୍ ଡ୍ରିଲ ଓ ଗୋଷ୍ଠିଗତ ସଚେତନତା ଅଭିଯାନ ଉପରେ ଅଧ୍ୟକ୍ଷ ସମୀକ୍ଷା କରିଥିଲେ । ବୈଠକରେ ସମ୍ପୃକ୍ତ ବିଭାଗୀୟ ବରିଷ୍ଠ ଅଧିକାରୀ ଙ୍କ ସମେତ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା ଯୋଗ ଦେଇଥିଲେ । ଶେଷରେ ଡେପୁଟୀ କଲେକ୍ଟର, ଜରୁରୀ ଶ୍ରୀତପା ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ ।

# ବନ୍ୟା ବିପନ୍ନଙ୍କ ପାଇଁ ସହାୟତାର ହାତ ବଢ଼ାଇଲେ ସାମାଜିକ କର୍ମୀ

ଲଙ୍ଗଳେଶ୍ୱର(ନିପ୍ର): ସମାଜ ଓ ପରିବେଶ ପ୍ରତି ନିଜର କର୍ତ୍ତବ୍ୟ ଓ ଉତରଦାୟିତ୍ୱକୁ ନିଷ୍ଠାର ସହ ପାଳନ କରି ସୁବର୍ଣ୍ଣରେଖା ବନ୍ୟା ପ୍ରପୀଡ଼ିତଙ୍କ ପାଇଁ ବିପଦ ସମୟରେ ହାତ ବଢାଇଛନ୍ତି ପ୍ରକୃତି ବନ୍ଧୁ ତଥା ପରିବେଶବିତ୍ ସୁମନ୍ତ କୁମାର ଜେନା । ଚଳିତ ବର୍ଷ ସୁବର୍ଣ୍ଣରେଖାରେ ଆସିଥିବା ଭୟଙ୍କର ବନ୍ୟାରେ ବାଲିଆପାଳ ବ୍ଲକର ପ୍ରାୟ ୧୯ ପଂଚାୟତ ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଛି । ଅନେକ ଲୋକଙ୍କ ଘରେ ପାଣି ପଶି ଯାଇଥିବାରୁ ଚୁଲି ଜଳୁ ନାହିଁ, ଏଭଳି କଠିନ ସମୟରେ ସାମାଜିକ କର୍ମୀ ତଥା ପ୍ରକୃତି ବନ୍ଧୁ ସୁମନ୍ତ କୁମାର ଜେନା ମାନବିକତାର ପରିଚୟ ଦେଇ ବନ୍ୟା ବିପର୍ଯ୍ୟସ୍ତଙ୍କ ପାଖରେ ପହଂଚି ସହାୟତାର ହାତ



ବଢ଼ାଇଛନ୍ତି । ସେ ବାଲିଆପାଳ ବ୍ଲକର ବନ୍ୟା ପ୍ରଭାବିତ ଅସ୍ତି ପଂଚାୟତର କଂଟାବଣୀ, ସୂର୍ଯ୍ୟାପୁର, ବିଷ୍ଣୁପୁର ପଂଚାୟତର ରାମ ନଗର, ରସଲପୁର୍ ଏବଂ ବାଲିଆପଳ ପଂଚାୟତର ତଳ ବାଲିଆପାଳ ଓ ସୁଙ୍ଗ ମୁହଁ ଗ୍ରାମର ବନ୍ୟା ପ୍ରପୀଡ଼ିତଙ୍କ ପାଖରେ ପହଂଚି ଶୁଖିଲା ଖାଦ୍ୟ, ପାନୀୟ ଜଳ ଓ ପଲିଥିନ ଇତ୍ୟାଦି ବିତରଣ କରିଥିଲେ । ଏହି ମହତ୍ କାର୍ଯ୍ୟରେ ବରିଷ୍ଠ ସାମ୍ବାଦିକ ପ୍ରଫୁଲ୍ଲ ପାତ୍ର, ସୁବଳ ଦାସ, ଅଜୟ ସାହୁ, ଲକ୍ଷ୍ମୀଧର ପ୍ରଧାନ, ପ୍ରତିମା ଜେନା ସଞ୍ଜୟ ଗିରି, ବଂଶୀଧର ଜେନା ପ୍ରମୁଖ ସହଯୋଗ କରିଥିଲେ । ବନ୍ୟା ବିପର୍ଯ୍ୟସ୍ତଙ୍କ ପାଇଁ ଶ୍ରୀ ଜେନାଙ୍କ ଏହି ପ୍ରଶଂସନୀୟ କାର୍ଯ୍ୟକୁ ସ୍ଥାନୀୟ ଲୋକମାନେ ଉଚ୍ଚ ପ୍ରଶଂସା କରିଛନ୍ତି ।

# ଜିଲ୍ଲା ବୋଡ଼େନ ବ୍ଲକ୍‌ର ଭରୁଆମାଲ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ

ନୂଆପଡ଼ା(ନିପ୍ର): ନୂଆପଡ଼ା ଜିଲ୍ଲା ବୋଡ଼େନ ବ୍ଲକ୍ ଅନ୍ତର୍ଗତ ଫରସରା ପଂଚାୟତର ଭରୁଆମାଲ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷାଦାନ ବ୍ୟବସ୍ଥା ଚରମ ଅବହେଳାର ଶିକାର ହୋଇଥିବା ଅଭିଯୋଗ ହୋଇଛି । ଶିକ୍ଷାଦାନ ସମୟରେ ବିଦ୍ୟାଳୟର କୋମଳମତି ଶିଶୁମାନେ ଶ୍ରେଣୀଗୃହରେ ନ ରହି ବାହାରେ ବୁଲୁଥିବା ଦେଖିବାକୁ ମିଳିଛି, ଯାହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ପାଖାପାଖି ଏକ ହଜାର ଜନସଂଖ୍ୟା ବିଶିଷ୍ଟ ଏହି ଭରୁଆମାଲ ଗ୍ରାମର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶିଶୁବାଟିକାରୁ ପଂଚମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୩୦ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି । ଏହି ବିଦ୍ୟାଳୟରେ ୨ ଜଣ ଶିକ୍ଷକ ନିୟୋଜିତ ଅଛନ୍ତି । ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଶିକ୍ଷକଦ୍ୱୟ ନିଜର ଦାୟିତ୍ୱ ସଠିକ୍ ଭାବେ ତୁଲାଉ ନାହାନ୍ତି । ଫଳରେ ଶିକ୍ଷାଦାନ ସମୟରେ ଛାତ୍ରଛାତ୍ରୀମାନେ ଅନୁଶାସନହୀନ ହୋଇ ପାଠପଢ଼ା ଛାଡ଼ିବାହାରେ ବୁଲୁଛନ୍ତି । ଗତ ବୁଧବାର ଦିନ ବିଦ୍ୟାଳୟର ପ୍ରଧାନଶିକ୍ଷକ ଆସିଥିଲେ ସତ, ମାତ୍ର କୌଣସି କାରଣ ଦର୍ଶାଇ ସେ ଶୀଘ୍ର ଘରକୁ ଫେରିଯାଇଥିଲେ ବୋଲି ଛାତ୍ରଛାତ୍ରୀମାନେ ପ୍ରକାଶ କରିଛନ୍ତି । ଏହାପରେ ବିଦ୍ୟାଳୟରେ ଉପସ୍ଥିତ ଥିବା ଅନ୍ୟ ଜଣେ ଶିକ୍ଷକ ଗୋଟିଏ ଶ୍ରେଣୀଗୃହରେ ପାଠ ପଢ଼ାଉଥିବା ବେଳେ ଅନ୍ୟ ଶ୍ରେଣୀଗୃହର ଶିଶୁମାନେ ନିୟନ୍ତ୍ରଣ ବାହାରକୁ ଚାଲିଯାଇଥିଲେ । ସେମାନେ ଶ୍ରେଣୀଗୃହରୁ ବାହାରି ବାହାରେ ମୂଷା ଦୌଡ଼ାଉଥିବାର ଦୃଶ୍ୟ ଦେଖିବାକୁ ମିଳିଥିଲା । ଜଣେ ଶିକ୍ଷକ ସମସ୍ତ ଶିଶୁଙ୍କୁ ନିଜ ନିୟନ୍ତ୍ରଣରେ ରଖିବାରେ ସମ୍ପୂର୍ଣ୍ଣ ଅସମର୍ଥ ହୋଇପଡ଼ିଥିଲେ । ଏହା ବ୍ୟତୀତ ବିଦ୍ୟାଳୟର ଭୌତିକ ପରିବେଶ ମଧ୍ୟ ଶୋଚନୀୟ ହୋଇପଡ଼ିଛି । ବିଦ୍ୟାଳୟର ପାଚେରୀ ଭାଙ୍ଗିଯାଇଥିବାରୁ ସୁରକ୍ଷା ବ୍ୟବସ୍ଥା ବିପନ୍ନ ହୋଇଛି । ଦୁଇଟି ଶ୍ରେଣୀଗୃହର ଛାତରୁ ପାଣି ଗଳୁଥିବାରୁ ବର୍ଷା ଦିନେ ପାଠପଢ଼ାରେ ଘୋର ବ୍ୟାଘାତ ସୃଷ୍ଟି ହେଉଛି । ଗ୍ରାମବାସୀଙ୍କ ଦାବି: ବିଦ୍ୟାଳୟର ଏହି ବିପର୍ଯ୍ୟସ୍ତ ସ୍ଥିତିକୁ ସୁଧାରିବା ପାଇଁ ଗ୍ରାମବାସୀମାନେ ଦୃଢ଼ ଦାବି ଜଣାଇଛନ୍ତି । ବର୍ତ୍ତମାନର ଦୁଇ ଶିକ୍ଷକଙ୍କ ବଦଳରେ ନୂତନ ଏବଂ କର୍ତ୍ତବ୍ୟପରାୟଣ ଶିକ୍ଷକଙ୍କୁ ନିଯୁକ୍ତି ଦେବା ସହ ବିଦ୍ୟାଳୟର ନୂତନ ଶ୍ରେଣୀଗୃହ ନିର୍ମାଣ, ଭଙ୍ଗା ପାଚେରୀର ମରାମତି ଏବଂ ମୁଖ୍ୟ ଫାଟକ (ଗେଟ୍) ନିର୍ମାଣ ପାଇଁ ଗ୍ରାମବାସୀ ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷଙ୍କ ନିକଟରେ ଦାବି କରିଛନ୍ତି ।

# ବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ



ନୟାଗଡ଼(ନିପ୍ର): ଆସନ୍ତା ସ୍ୱାୟତ ଶାସନ ଦିବସ ଉପଲକ୍ଷେ ନୟାଗଡ଼ ମୁନିସିପାଲିଟି ପକ୍ଷରୁ ଏନ.ଏ.ସି. ଉଚ୍ଚ ବିଦ୍ୟାଳୟ ପରିସରରେ ବିଦ୍ୟାଳୟ ସ୍ତରୀୟ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଯାଇଛି । ଏହି ପ୍ରତିଯୋଗିତାରେ ମୁନିସିପାଲିଟି ଅନ୍ତର୍ଗତ ବିଭିନ୍ନ ସରକାରୀ ଓ ବେସରକାରୀ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ କନିଷ୍ଠ ଓ ବରିଷ୍ଠ ଉଭୟ ବିଭାଗରେ ଅଂଶଗ୍ରହଣ କରିଥିଲେ । ବକ୍ତୃତା, ସାଧାରଣ ଜ୍ଞାନ, ଚିତ୍ରାଙ୍କନ, ଦେଶାତ୍ମବୋଧ ସଙ୍ଗୀତ ଏବଂ ନୃତ୍ୟ ଆଦି ବିଭିନ୍ନ ବିଭାଗରେ ମୋଟ ୧୨୧ ଜଣ ପ୍ରତିଯୋଗୀ ସେମାନଙ୍କର ପ୍ରତିଭା ପ୍ରଦର୍ଶନ କରିଥିଲେ । ଏହି ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀମାନଙ୍କୁ ଆସନ୍ତା ସ୍ୱାୟତ ଶାସନ ଦିବସ ଅବସରରେ ପଠାଣି ସାମନ୍ତ ସଂସ୍କୃତି ଭବନରେ ଆୟୋଜିତ ହେବାକୁ ଥିବା ସ୍ୱତନ୍ତ୍ର ଉତ୍ସବରେ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯିବ । ଏହି କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷା ନିରୁପମା ଖଟେଇ, ଉପାଧ୍ୟକ୍ଷ ଗୁରୁପ୍ରସାଦ ଜେନା, କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ନେହଲତା ମିଶ୍ରଙ୍କ ସମେତ ସମସ୍ତ କାଉନସିଲର ମାନେ ଯୋଗଦେଇ ପ୍ରତିଯୋଗୀ ମାନଙ୍କୁ ଉତ୍ସାହିତ କରିଥିଲେ । ଏଥିସହିତ ପ୍ରଧାନଶିକ୍ଷକ ସୁରେନ୍ଦ୍ର କୁମାର ଖଣ୍ଡା ଏବଂ କାଉନସିଲର ଲକ୍ଷ୍ମୀଧର ମହାପାତ୍ର ସମଗ୍ର କାର୍ଯ୍ୟକ୍ରମଟିକୁ ସୁଚାରୁରୂପେ ପରିଚାଳନା କରିଥିଲେ ।

# ରାଜୀବ ଗାନ୍ଧୀ ଶିକ୍ଷା ଓସେବା ସମ୍ମାନରେ ସମ୍ମାନିତ ହେଲେ ରେଡକ୍ରସ୍ କାଉନସିଲର

ନୟାଗଡ଼(ନିପ୍ର): ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ୮୨ ତମ ଜନ୍ମ ଜୟନ୍ତୀ ଅବସରରେ ଭୁବନେଶ୍ୱର ସ୍ଥିତ ଜୟଦେବ ଭବନ ଠାରେ ଓଡିଶା ରାଜୀବ ଗାନ୍ଧୀ ଛାତ୍ର ଫୋରମ, ରାଜୀବ ଗାନ୍ଧୀ ଷ୍ଟଡି ସର୍କଲ ଓ ୟାଦି ର ମିଳିତ ଉଦ୍ୟମରେ ରାଜୀବ ଗାନ୍ଧୀ ଛାତ୍ର ଫୋରମ ର ରାଜ୍ୟ ସଭାପତି ସତ୍ୟବ୍ରତ ନାୟକଙ୍କ ଅଧ୍ୟକ୍ଷତାରେ ମହାଆଡମ୍ବର ସହିତ ଆୟୋଜିତ ହୋଇଯାଇଛି ରାଜୀବ ଗାନ୍ଧୀ ଶିକ୍ଷା ଓ ସେବା ସମ୍ମାନ -୨୦୨୬। ଏହି କାର୍ଯ୍ୟକ୍ରମରେ ଓଡିଶା ପିସିସି ସଭାପତି ଭକ୍ତଚରଣ ଦାସ ମୁଖ୍ୟଅତିଥି, ଓଡିଶା କଂଗ୍ରେସ ପ୍ରଭାରୀ ଲାଲଜୀ ଦେଶାଇ ମୁଖ୍ୟବକ୍ତା, କଂଗ୍ରେସ ବିଧାୟକ ଦଳର ରାନେତା ରାମଚନ୍ଦ୍ର



କାଡାମ, କଂଗ୍ରେସ ର ରାଜ୍ୟ ସହ ପ୍ରଭାରୀ ଜେଟି କୁସୁମ କୁମାର ଓ ବରିଷ୍ଠ ସାମ୍ବାଦିକ ତଥା ଦୈନିକ ସମ୍ବାଦ ପତ୍ର ପର୍ଯ୍ୟବେକ୍ଷକ ଓ କଳିଙ୍ଗ କ୍ରୋନିକିଲ ର ସମ୍ପାଦକ ଡ. ପବିତ୍ର ମୋହନ ସାମନ୍ତରାୟ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଥିଲେ । ଏହି ସମାରୋହରେ ନୟାଗଡ଼ ପ୍ରଜାମଣ୍ଡଳ ମହିଳା ମହାବିଦ୍ୟାଳୟ ର ଯୁବ ରେଡକ୍ରସ୍ କାଉନସିଲର ମିନାକ୍ଷୀ ବାଳା ମିଶ୍ର ଓ ରଘୁନାଥ ଜିଉ ଡିଗ୍ରୀ ମହାବିଦ୍ୟାଳୟ, ଗଣିଆ ର ରେଡକ୍ରସ୍ କାଉନସିଲର ରାକେଶ ବରାଡ ବିଭିନ୍ନ ଉଲ୍ଲେଖନୀୟ ସଚେତନତା ଓ ଶିକ୍ଷା କାର୍ଯ୍ୟକ୍ରମ ନୟାଗଡ଼ ଜିଲ୍ଲାରେ ଆୟୋଜନ କରି ଛାତ୍ରଛାତ୍ରୀ ଓ ଜନସାଧାରଣଙ୍କୁ ବିଭିନ୍ନ ସମୟରେ ସଚେତନତା ସୃଷ୍ଟି କରିଥିବାରୁ 'ରାଜୀବ ଗାନ୍ଧୀ ଶିକ୍ଷା ଓ ସେବା ସମ୍ମାନ'ରେ ସମ୍ମାନିତ ହୋଇଛନ୍ତି । ଏହି ସମ୍ମାନ ଏକ ପ୍ରେରଣାର ଉତ୍ସ ଓ ଭବିଷ୍ୟତରେ ମହାବିଦ୍ୟାଳୟର ଛାତ୍ରୀ ମାନଙ୍କୁ ଆହୁରି ସଚେତନ ଓ ଶିକ୍ଷା ପ୍ରଦାନ କରି ସଶକ୍ତ କରାହେବ' ବୋଲି ଶ୍ରୀମତୀ ମିଶ୍ର ନିଜର ଅଭିବ୍ୟକ୍ତି ପ୍ରକାଶ କରିଥିଲେ ।

# ଜଳେଶ୍ୱର ବ୍ଲକରେ ବାଟ ହୁଡ଼ିଛି ଅନ୍ତୋଦୟ ଗୃହ ଯୋଜନା

ଜଳେଶ୍ୱର(ନିପ୍ର): ରାଜ୍ୟ ସରକାରଙ୍କ ପକ୍ଷରୁ ଅସହାୟ ଗରିବ ଲୋକଙ୍କ ମୁଣ୍ଡ ଉପରେ କିପରି ପକ୍କା ଛାତଥିବା ଘରଟିଏ ରହି ପାରିବ ସେଥିପାଇଁ ସ୍ୱତନ୍ତ୍ର ଯୋଜନା ଅନ୍ତୋଦୟ ଗୃହ ମାଧ୍ୟମରେ ଗରିବ ଅସହାୟ ନାବାଳକ ପିଲା ଥିବା ବିଧବା ମହିଳା, ଦୀର୍ଘଦିନ ଦୋରା ରୋଗ୍ୟରେ ପୀଡ଼ିତଥିବା ରୋଗୀ, ଦିବ୍ୟାଙ୍ଗ ବ୍ୟକ୍ତି, ହାତୀ ଦ୍ୱାରା କ୍ଷତି ଗ୍ରସ୍ତ ହୋଇଥିବା ବାସଗୃହ, ଅଗ୍ନିକାଣ୍ଡରେ କ୍ଷତିଗ୍ରସ୍ତ ହୋଇଥିବା ପରିବାର ଲୋକଙ୍କୁ କିପରି ତୁରନ୍ତ ବାସ ଗୃହ ଯୋଗାଇ ଦିଆ ଯାଇ ପାରିବ ସେ ନେଇ ରାଜ୍ୟ ସରକାର ଅନ୍ତୋଦୟ ଗୃହ ଯୋଜନା ପ୍ରଣୟନ କରିଛନ୍ତି କିନ୍ତୁ ତାହାର ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଅଲଗା ସୂଚନା ଅନୁଯାୟୀ ଜଳେଶ୍ୱର ବ୍ଲକ ଶ୍ୟାମନଗର ଗ୍ରାମ ପଂଚାୟତର ସ୍ୱର୍ଗତ ତ୍ରିଲୋକ୍ୟ ମାହାନ୍ତଙ୍କ ୧୦୦ ପ୍ରତିଶତ ଦିବ୍ୟାଙ୍ଗ ଝିଅ ଚଂଚଳା ମାହାନ୍ତ (୫୬) ସମ୍ପୂର୍ଣ୍ଣ ଭାବେ ଅନ୍ଧ ଓ ରୋଗା ଗ୍ରସ୍ତ ହୋଇଥିବା ସ୍ୱତ୍ତ୍ୱେ ନା ତାଙ୍କ ପାଖରେ ପହଂଚି ପାରିଛି ଅନ୍ତୋଦୟ ରାସନ କାର୍ଡ ନା ଅଛି ଅନ୍ତୋଦୟ ଗୃହ କେବଳ ୩୫୦୦ ଟଙ୍କା ଦିବ୍ୟାଙ୍ଗ ଭତାହିଁ ସାହା ଭରସା । ଭାଇ ହରିଶ୍ଚନ୍ଦ୍ର ମହାନ୍ତଓ ଭାଉଜ କାକୁଲି ମାହାନ୍ତଙ୍କ ଝାଟି ମାଟି ଭଙ୍ଗା ଦଦରା ଘରେ ଆଶ୍ରୟ ନେଇଛନ୍ତି ଦିବ୍ୟାଙ୍ଗ ଭଉଣୀ ଚଂଚଳା ଭାଇ ହରିଶ୍ଚନ୍ଦ୍ର ଅଭିଯୋଗ କରିଛନ୍ତି କି ଭଉଣୀର ଘରଟିଏ ପାଇଁ ବାରମ୍ବାର ସରପଂଚଙ୍କ ଠାରୁ ଆରମ୍ଭ କରି ଗ୍ରାମ ପଂଚାୟତ ର ପିଇଓ ମୋନାଜ କୁମାର ବାରିକଙ୍କ ପାଖରେ ସମସ୍ତ ଦସ୍ତାବିଜ ଦାଖଲ କରିଥିଲେ ମଧ୍ୟ ଥିଲେ ମଧ୍ୟ ଫଳ ଶୁନ । ସତରେ କଣ ଅନ୍ତୋଦୟ ଗୃହ ଯୋଜନା ପ୍ରକୃତ ହିତାଧିକାରୀଙ୍କ ପାଖରେ ପହଂଚି ପାରୁଛି ନା ତାହା ଅଧା ରାସ୍ତାରେ ବାଟ ହୁଡ଼ିଛି ତାହାକୁ ସେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏ ନେଇ ଖବର ପାଇ ରାଇବାଣିଆ ମଣ୍ଡଳର ବଜେପି ଯୁବ ମୋର୍ଚ୍ଚା ସଭାପତି ନିହାର ରଞ୍ଜନ ଦାସ, ପଂଚାୟତପ୍ରମୁଖ ଦୁଃଖୀରାମ କିସ୍କୁ, ରାଜେଶ ମହାନ୍ତି, ଦୁର୍ଗା ପ୍ରସାଦ ମାରାଣ୍ଡି, ସୁଜିତ ମହାନ୍ତି, ବ୍ରଜ କିଶୋର ଗିରି, ଧନଞ୍ଜୟ ମାହାନ୍ତ ପ୍ରମୁଖ ଯୁବ ନେତୃତ୍ୱ ମାନେ ଚଂଚଳାଙ୍କୁ ଭେଟି ସମସ୍ୟା ସମ୍ପର୍କରେ ବୁଝିବା ସହିତ ଶୁଖିଲା ଖାଦ୍ୟ ବଂଟନ କରିଥିଲେ ଓ ଏ ବାବଦରେ ଉପରସ୍ତ ସରକାରୀ ଅଧିକାରୀ ମାନଙ୍କୁ ଅବଗତ କରାଇଥିଲେ ଓ ଫିଲ୍ଡ ସ୍ତରରେ ଥିବା ଅଧିକାରୀ ଓ ଗ୍ରାମ ପଂଚାୟତ ସ୍ତରରେ ପିଇଓ ମାନଙ୍କର ଖାମ ଖିଆଲି ନୀତି ଓ ଅବହେଳା ଯୋଗୁଁ ଯୋଗ୍ୟ ହିତାଧିକାରୀ ପାଖରେ ସରକାରୀ ଯୋଜନା ଅପହଂଚ ହୋଇ ରହୁଛି ।

**AFFIDAVIT**

By virtue of an affidavit sworn before Executive Magistrate, Soro, Balasore on 21.07.2026. That my correct name is Manju Dei and as such my correct name has prepared my Adhar Card No. 6471 2338 0676 and Pan Card No. DUHPD8754A above manner. But in my LIC Policy bearing No. 598391012 is mentioned as Manjulata Behera. So Manju Dei and Manjulata Behera is one in same name. Correct my name Manju Dei in Policy Bond.

# ୬୦ହଜାରରୁ ଅଧିକ ଲୋକ ଜଳ ବନ୍ଦୀ, ଲୋକଙ୍କ ପାଇଁ ରନ୍ଧା ଖାଦ୍ୟର ବ୍ୟବସ୍ଥା

ବାଲିଆପାଳ(ନିପ୍ର): ଚଳିତ ବର୍ଷ ସୁବର୍ଣ୍ଣରେଖା ନଦୀର ଦ୍ୱିତୀୟ ବନ୍ୟା ଭୟଙ୍କ ରୂପ ଧାରଣ କରିଛି । ଶହ ଶହ ଲୋକଙ୍କ ଘରେ ବନ୍ୟା ଜଳ ପଶିଛି । ୨୦୦୮ ମସିହା ପରେ ଦୀର୍ଘ ୧୭ ବର୍ଷ ମଧ୍ୟରେ ଏତେ ବଡ ବନ୍ୟା ସୁବର୍ଣ୍ଣରେଖା ରେ ଦେଖିବାକୁ ମିଳିନଥିଲା । ଏହି ବନ୍ୟାରେ ବାଲିଆପାଳ ବ୍ଲକର ୯ ପଂଚାୟତର ୬୦ ହଜାରରୁ ଅଧିକ ଲୋକ ଜଳ ବନ୍ଦୀ ଭିତରେ ରହିଛନ୍ତି । ପ୍ରଶାସନ ପକ୍ଷରୁ ଲୋକଙ୍କୁ ଉଦ୍ଧାର କରି ୪୪ ଟି ଅସ୍ଥାୟୀ ଶିବିରରେ ତେଇଶ ହଜାର ଲୋକଙ୍କୁ ରନ୍ଧା ଖାଦ୍ୟ ଦିଆ ଯାଉଛି । ତେବେ ଏହି ବନ୍ୟାର ଜଳ ସ୍ତର ଗୁରୁବାର ସକାଳ ଠାରୁ କମିବାରେ ଲାଗିଛି । ରାଜଘାଟ ଠାରେ ବୁଧବାର ରାତିରେ ବନ୍ୟାଜଳ ସର୍ବାଧିକ ୧୧.୮୨ ମିଟର ପର୍ଯ୍ୟନ୍ତ ଯାଇ ଥିଲା । ଗୁରୁବାର ସକାଳ ଠାରୁ କମିବା ଆରମ୍ଭ ହୋଇ ସନ୍ଧ୍ୟା ସୁଦ୍ଧା ଜଳ ସ୍ତର କମି ୧୦.୭୦ ମିଟର ରେ ପହଂଚି



ଥିଲା । ତଥାପି ଏଠାରେ ଜଳ ପତନ ବିପଦ ସଂକେତ ଉପରେ ପ୍ରବାହିତ ହେଉଛି । ଜାମକୁଣ୍ଡା ଲକ୍ଷ ଠାର ବିଷ୍ଣୁପୁର, ନୟାବାଲି, କୁହ୍ଲାଚଡ, ଇକଡ଼ପାଳ, ତାଳପଦା ଆଦି ଗ୍ରାମକୁ ଯିବା ରାସ୍ତାରେ ୫/୬ ଫୁଟ ଉପରେ ବନ୍ୟା ଜଳ ପ୍ରବାହିତ ହେଉଛି । ସେହିପରି ପଂଚରୁଖି ଠାରୁ ଚରବସ୍ତ କାଳରୁଇ ଓ ଚୌଧୁରୀକୁଦ ରାସ୍ତା ଉପରେ ୬ ଫୁଟ ଉପରେ ବନ୍ୟା ଜଳ ପ୍ରବାହିତ ହେଉଛି । ବାଲିଆପାଳ ଠାରୁ କୁଦମାନସିଂହ ଏବଂ ବିଷ୍ଣୁପୁର ଗ୍ରାମକୁ ଯାଇଥିବା ମୁଖ୍ୟ ରାସ୍ତା ଗୁଡ଼ିକରେ ୫ ଫୋଟ ଉପରେ ବନ୍ୟା ଜଳ ପ୍ରବାହିତ ହେଉଥିବାରୁ ଏହି ସବୁ ଗ୍ରାମକୁ ସରକାରୀ ବୋଟ ଯୋଗାଇ ଦିଆ ଯାଇଛି । ମାତ୍ର ଆବଶ୍ୟକ ମୁତାବ ସରକାରୀ ବୋଟ ନଥିବାରୁ ଲୋକମାନେ ବାଧ୍ୟ ହୋଇ ଦେଶୀ ଡଙ୍ଗା ବ୍ୟବହା କରୁଥିବାର ଦେଖିବାକୁ ମିଳିଛି । କିଛି ସ୍ଥାନରେ ଲୋକେ ବନ୍ୟା ଜଳରେ ପଶି ବିପଦ ସଙ୍କୁଳ ଅବସ୍ଥାରେ ଯିବା ଆସିବା କରୁଥିବା ନେଇ ଅଭିଯୋଗ ହେଉଛି । ତେବେ ଲୋକଙ୍କ ଯାତାୟାତ ଓ ଉଦ୍ଧାର କାର୍ଯ୍ୟ ପାଇଁ ଦେଶୀ ଡ଼ଙ୍ଗା ସହିତ ସ୍ୱତନ୍ତ୍ର ରିଲିଫ କମିଶନ ବିଭାଗ, ଓଡ୍ରାଫ ଓ ଅଗ୍ନିଶମ ବିଭାଗକୁ ନିୟୋଜିତ କରାଯାଇଛି । ବର୍ତ୍ତମାନ ଲୋକଙ୍କ ସମସ୍ୟା ଠାରୁ ଗୋରୁ ଗାଈଙ୍କ ଖାଦ୍ୟ ସମସ୍ୟା ଦ୍ୱିଗୁଣିତ ହୋଇଛି । ବହୁ ସ୍ଥାନରେ ପିଇବା ପାଣି ସମସ୍ୟା ଗୁରୁତର ହୋଇଛି । ସରକାରୀ ସ୍ତରରେ ପାଣି ବୋଟଲ କେବଳ ରାସ୍ତା ଉପରେ ବଂଟା ଯାଉଛି । ମାତ୍ର ବନ୍ୟା ଘେରରେ ଥିବା ଲୋକଙ୍କ ପାଖରେ ପିଇବା ପାଣି ପହଂଚି ପାରୁ ନାହିଁ । ଏବେ ସବୁଠାରୁ ଅଧିକ ବିଷ୍ଣୁପୁର, ଅସ୍ତି, ଜାମକୁଣ୍ଡା, ମଧୁପୁରା, କୁମ୍ଭୀରି, ନିଖିରା, ଶ୍ରୀରାମପୁର, ଦେଭୋଗ ଓ ଘଂଟୁଆ ପଂଚାୟତର ୬୦ ରୁ ଅଧିକ ଗାଁ ବନ୍ୟା ପାଣି ଘେରରେ ବିପଦ ଘେରରେ ରହିଛନ୍ତି । ବନ୍ୟା ପାଣି ଯେଉଁ ହାରରେ କମିବା କଥା ସେହି ହାରରେ ବନ୍ୟା ପାଣି କମୁନାହିଁ । ଯଦି ଉପର ମୁଣ୍ଡରେ ବର୍ଷା ନ ହୁଏ ତେବେ ବାଲିଆପାଳ ଅଂଚଳରେ ଲୋକଙ୍କ ଘର ଭିତରୁ ପାଣି କମିବା ପାଇଁ ୪/୫ ଦିନ ଲାଗିବ ।ଯଦି ଉପର ମୁଣ୍ଡରୁ ପୁଣି ପାଣି ଆସିବ ତେବେ ଅବସ୍ଥା ଅଣାୟତ ହେବ । ସେଥିପାଇଁ ସରକାର ଉଚିତ ପଦକ୍ଷେପ ନେବା ଜରୁରୀ ବୋଲି ଦାବୀ ହେଉଛି ।

No. 25001/1004/2627

**GOVERNMENT OF ODISHA**

**OFFICE OF THE SUPERINTENDING ENGINEER, RURAL WORKS DIVISION-II, KATAKA**

**e-procurement Notice for Buildingworks**

**Bid Identification No. SECTC-II-06of 2026-27 dt. 20.08.2026**

| | | | |
|---|---|---|---|
| 1. | Number of the work | :- | 13(Thirteen) numbers Building |
| 2. | Estimated Cost. (Approx) | :- | Rs. 2.52 lakhs to 5.04lakhs |
| 3. | Period of completion | :- | 02 (Two) Months |
| 4. | Date & time of sale & receipt of bid document online | :- | From: 07.09.2026at11:30AM<br>To: 18.09.2026at 5:30 PM |
| 5. | Date & time of opening of bids | :- | 19.09.2026at 11:30 AM |
| 6. | Name and address of Inviting Officer | :- | O/o the Superintending Engineer, R. W. Division-II, Cuttack, Nayabazar, Cuttack-753004 |

Further details can be seen from the State Govt. portal https://tendersorissa.gov.in

Sd/-
Superintending Engineer
R.W. Division-II, Kataka

OIPR. 25001/25095/1/26-27/0007











ଈଶ୍ୱରଙ୍କୁ ପାଇବା ପାଇଁ ଯାହାର ହୃଦୟ ବ୍ୟାକୁଳ ହେଉଛି, ତାହାର ଜନ୍ମ ଧନ୍ୟ ଏବଂ ତା'ର ମାତା ଧନ୍ୟ ।

# ଆଜିକାଲି



*ଅଯସ୍ତ୍ୱିନ୍ଦ୍ରିୟାଣି ମନସା ନିୟମ୍ୟାରଭତେଽର୍ଜୁନ*
*କର୍ମେନ୍ଦ୍ରିୟୈଃ କର୍ମଯୋଗମସକ୍ତଃ ସ ବିଶିଷ୍ୟତେ ॥*
*(ଶ୍ରୀମଦ୍ ଭଗବତ୍ ଗୀତା)*

*ଭାବାର୍ଥ : ଯେଉଁ ପୁରୁଷ ମନ ଦ୍ୱାରା ଇନ୍ଦ୍ରିୟମାନଙ୍କୁ ବଶ କରି ଅନାସକ୍ତ ହୋଇ କର୍ମଯୋଗ ଆଚରଣ କରନ୍ତି ସେ ଶ୍ରେଷ୍ଠ ଅଟନ୍ତି ।*

## ଗ୍ରାମାଂଚଳ ପାଇଁ ସହରୀ ସୁବିଧା 'ଗ୍ରାମସଂପଦ'

ରାଜ୍ୟ ସରକାର ରାଜ୍ୟର ଉନ୍ନତି ପାଇଁ ଯୋଜନା ଉପରେ ଯୋଜନା କରି ଚାଲିଛନ୍ତି । ଯାହାକି ବାସ୍ତବରେ ସ୍ୱାଗତଯୋଗ୍ୟ । ଏହାରି ମଧ୍ୟରେ ଗ୍ରାମମାନଙ୍କରେ ସମସ୍ତ ସହରୀ ସୁବିଧା ପାଇଁ ଏକ ଆକର୍ଷଣୀୟ କାର୍ଯ୍ୟକ୍ରମ ଆରମ୍ଭ କରିବାର ଯୋଜନା କରୁଛନ୍ତି । ପ୍ରତି ପଂର୍ଚାତକୁ ବାର୍ଷିକ ୩ କୋଟି ଟଙ୍କା ପର୍ଯ୍ୟନ୍ତ ଅର୍ଥରାଶି ଦେଇ ରାଜ୍ୟ ସରକାର 'ଗ୍ରାମସଂପଦ' କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ଯାଉଛନ୍ତି । ଯାହାଦ୍ୱାରା କି ପଂଚାୟତଗୁଡ଼ିକ ଅଧିକ ଆତ୍ମନିର୍ଭରଶୀଳ ହେବ । ରାଜ୍ୟର ଅନ୍ୟ ପଂଚାୟତ ଗୁଡ଼ିକରେ ନିଜସ୍ୱ ରୋଜଗାର ନ ଥିବାରୁ ପଂଚାୟତ ଆର୍ଥିକ କ୍ଷେତ୍ରରେ ଦୁର୍ବଳ ରହିଛି । ସେଥିପାଇଁ ଆର୍ଥିକ କ୍ଷେତ୍ରରେ ପଂଚାୟୟତ ଗୁଡ଼ିକୁ ଅଧିକ ସୁବିଧା ସଂପନ୍ନ ଏବଂ ପାନୀୟ ଜଳର ସୁବ୍ୟବସ୍ଥା ପାଇଁ ପଂଚାୟତିରାଜ ଓ ପାନୀୟଜଳ ଯୋଗାଣ ବିଭାଗ ରୋଡ଼ମ୍ୟାପ ପ୍ରସ୍ତୁତି ଆରମ୍ଭ କରୁଛି । ଗ୍ରାମ ସଂପଦ କାର୍ଯ୍ୟକ୍ରମ ଜରିଆରେ ପଂଚାୟତସ୍ତରରେ ଆଦର୍ଶ ଖେଳପଡ଼ିଆ, କଲ୍ୟାଣମଣ୍ଡପ, ଗ୍ରାମରଣହାଟ, ପୋଖରୀ, ପାର୍କ, ପାଠାଗାର ଓ ଶ୍ମଶାନ ଭଳି ବିଭିନ୍ନ ଭିତିଭୂମି ବିକଶିତ କାର୍ଯ୍ୟ କରାଯିବ । ଏ ନେଇ ବିଭାଗ ପକ୍ଷରୁ ପଂଚାୟତ, ବ୍ଲକ ଏବଂ ଜିଲ୍ଲାପରିଷଦ ପାଇଁ ମାର୍ଗଦର୍ଶିକା ପ୍ରସ୍ତୁତ ହେଉଛି । ପଂଚାୟତରେ କେଉଁ ପ୍ରକଳ୍ପର ଆବଶ୍ୟକତା ରହିଛି ତାହା ଗ୍ରାମସଭା ମାଧ୍ୟମରେ ନିର୍ଦ୍ଧାରଣ କରାଯିବ । ଲୋକମାନଙ୍କ ଆବଶ୍ୟକତା ଓ ପ୍ରସ୍ତାବ ଆଧାରରେ ବିଭିନ୍ନ ବିକାଶମୂଳକ କାର୍ଯ୍ୟ ପଂଚାୟତିରାଜ ବିଭାଗ ହାତକୁ ନେବ । ଏହା ମାଧ୍ୟମରେ ଗ୍ରାମାନଙ୍କରେ ମନୋରଂଜନ ଠାରୁ ଆରମ୍ଭ କରି ସାମାଜିକ ଓ ସାର୍ବଜନୀନ ସମସ୍ତ ସୁବିଧାକୁ ଆହୁରି ସୁଦୃଢ଼ କରାଯିବ । ପଂଚାୟତ ସ୍ତରରେ ୭୫ ଲକ୍ଷ ଟଙ୍କାରେ ଆଦର୍ଶ ଖେଳପଡ଼ିଆ ନିର୍ମାଣ ପାଇଁ ବିଭାଗ ନକ୍ସା ପ୍ରସ୍ତୁତ କରୁଛି । କ୍ରୀଡା ବିଭାଗ ପକ୍ଷରୁ ଯେଉଁଭଳି ଭାବେ ପ୍ରତି ବ୍ଲକରେ ଷ୍ଟାଡିୟମ ନିର୍ମାଣ କରାଯାଉଛି ସେହିଭଳି ଭାବେ ପଂଚାୟତିରାଜ ବିଭାଗ ପକ୍ଷରୁ ପ୍ରତି ପଂଚାୟତରେ ଆଦର୍ଶ ଖେଳପଡ଼ିଆ ନିର୍ମାଣ କରାଯିବ । ଖେଳପଡ଼ିଆ ସହ ଯୁକ ମାନଙ୍କ ପାଇଁ ଜିମ୍‌ର ବ୍ୟବସ୍ଥା ମଧ୍ୟ ରହିବ । ଯାହକି ଗ୍ରାମାଂଚଳର ଯୁବପିଢ଼ୀ ପାଇଁ ନୂଆ ସୁଯୋଗ । ଏଥିସହ କଲ୍ୟାଣମଣ୍ଡପ ଏବଂ ନାନାବିଧ ଉନ୍ନତି ପାଇଁ ନୂଆନୂଆ ଯୋଜନାର ଭିତିଭୂମି ରହିଛି ।

## ମୋ ବାପା



◆ବେଦମତି ପ୍ରିୟଙ୍କା ରଥ

ତୁମେ ସ୍ନେହର ପ୍ରତିମୂର୍ତ୍ତି, ଶ୍ରଦ୍ଧାର ଠାକୁର,
ଏ ସ୍ୱାର୍ଥପର ଦୁନିଆରେ ନିଃସ୍ୱାର୍ଥୀ ଈଶ୍ୱର ।।
ତୁମପରି ମଣିଷଟେ ଦୁର୍ଲଭ ସଂସାରରେ,
ବିନା ଶବ୍ଦରେ ଯିଏ ମୋର ମନ ବୁଝିପାରେ
ଅବୁଝା, ଅଝଟ ହୋଇ ମୁଁ ରଷିଗଲେ ଥରେ
ସବୁ ଅଝଟ ସହି, କୋଳେ ଧରି ଗେଲ କରେ !!
ମୋତେ ଜିତେଇବା ଲାଗି ନିଜେ ହାରଇ ବାଜି
ଏମିତି ମଣିଷଟେ କିଏ ପାରିବକି ଖୋଜି ??
ପଥ ଚାଲିବାର ଶିଖାଇଛ ମୋ ହାତ ଧରି
କୁହ ବାପା, ତୁମକୁ ଦେବି କେମିତି ପାସୋରି ??
ତୁମେ ପାଖରେ ଥିଲେ ଲାଗୁନଥିଲା ଯେ ଭୟ,
ବାଜି ଯାହା ହେଉ, ହେଉଥିଲା ମୋହରି ଜୟ ।।
ତୁମବିନା କ୍ଷଣିକଟେ ଥିଲା ଗୋଟିଏ ଯୁଗ,
ସବୁଦିନ ପାଇଁକି ଛାଡି ଚାଲିଗଲ ଆଗ ।।
ଭାରି ମନେପଡେ ତୁମର ସେଇ ମିଠା ଡାକ,
ତୁମ ଆଖି ଭରୁଥିଲା ଯେବେ ମୋ ଲୁହ ଦେଖ ।।
ଅନ୍ଧକାର ଜୀବନେ ଥିଲ ଆଲୋକର ଜ୍ୟୋତି,
ଫେରିଆସ ପୁଣିଥରେ, ଖୋଜେ ତୁମକୁ ନିତି ।।
ତୁମ ଆଗେ ହୀରା, ମୋତି କାହାର ନାହିଁ ମୁଲ୍ୟ,
ମୋର ବାପା ମୋ ଜୀବନେ ଅଟନ୍ତି ଦେବ ତୁଲ୍ୟ ।।

*ଘଡଘଡ଼ାପଲ୍ଲୀ, ଛତ୍ରପୁର, ଗଞ୍ଜାମ, ଓଡିଶା- ୭୬୧୦୨୦*

## ସ୍ୱାସ୍ଥ୍ୟଟିପ୍ସ

● ନଡ଼ିଆରେ ତିଆରି ଖାଦ୍ୟ ପାଚନ ଶକ୍ତି ବଢାଇବାରେ ସାହାଯ୍ୟକରେ । ନିୟମିତ ନଡିଆ ଖାଉ ଥିବା ଲୋକ ସୁସ୍ଥ ରହନ୍ତି । ମେଦବହୁଳତା ନିୟନ୍ତ୍ରଣ କରିବାରେ ନଡିଆର ଭୂମିକା ଅଛି ।

● ଏଥିରେ କୋଲେଷ୍ଟେରୋଲ ପରିମାଣ କମ୍ ଥିବାରୁ ହୃଦଘାତ ହେବାର ଆଶଙ୍କା ଖୁବ୍ କମ୍ । ଏହାକୁ ମସଲା ଭାବରେ ବ୍ୟବହାର କରି ପାରିବେ । ନଡିଆରେ ଅଛି ଲରିକ୍ ଏସିଡ୍ । ନଡିଆରେ ପ୍ରାୟ ୬୦ ପ୍ରତିଶତ ଫାଇବର ରହିଛି । ତେଣୁ କୋଷ୍ଟକାଠିନ୍ୟ ଭୋଗୁଥିବା ରୋଗୀଙ୍କ ପାଇଁ ଏହା ଉପକାରୀ ସାବ୍ୟସ୍ତ ହୋଇଥାଏ ।

● ଦୁର୍ବଳ ଲାଗୁଥିଲେ ନଡିଆ ପାଣି ପିଅନ୍ତୁ । ଏହାଦ୍ୱାରା ଥକାପଣ ଦୂର ହେବା ସାଙ୍ଗକୁ ବିଭିନ୍ନ ରୋଗ ଯଥା ମିଳିମିଳା, ହାଡଫୁଟି ଆଦିରୁ ଶୀଘ୍ର ଉପଶମ ମିଳିଥାଏ ।

● ଶରୀରର କୌଣସି ସ୍ଥାନ ପୋଡିଯାଇଥିଲେ ସେଥିରେ ନଡିଆ ପେଷ୍ଟ ଲଗାନ୍ତୁ । ନଡିଆ ପେଷ୍ଟକୁ ଘରୋଇ ପ୍ୟାକ୍ ଭାବରେ ତ୍ୱଚାରେ ବ୍ୟବହାର କରି ପାରନ୍ତି ।

● ଏଥିରେ ପ୍ରଚୁର ପରିମାଣରେ ଭିଟାମିନ୍, ମିନେରାଲ ଏବଂ ଆମିନୋ ଏସିଡ୍ ଥିବାରୁ ଜୀର୍ଣ୍ଣଶକ୍ତି ବଢାଇବା ସହ ଅବସାଦ ଦୂର କରିବାରେ ସାହାଯ୍ୟ କରେ ।

● ନଡିଆ ତେଲ ରୁକ୍ଷ, ଶୁଷ୍କ କେଶ ବଂ ମଳିନ ପଡି ଯାଇ ଥିବା ତ୍ୱଚା ପାଇଁ ବେଶ୍ ଲାଭ ଦାୟକ । ଶୁଷ୍କ ତ୍ୱଚା ପାଇଁ ନଡିଆ ତେଲ ମଏଶ୍ଚରାଇଜର ଭଳି କାମ କରିବା ସହ ସୂର୍ଯ୍ୟଙ୍କ ଅତିବାଇଗଣୀ ରଶ୍ମିଠାରୁ ମଧ୍ୟ ଏହା ରକ୍ଷା କରିଥାଏ ।

● ନଡିଆତେଲ ଦାନ୍ତର ମାଢି ମଜବୁତ୍ ରଖିବାରେ ସାହାଯ୍ୟ କରେ ।

✦✦✦

# ମାଲକାନଗିରିର ଗାନ୍ଧୀ : ଲକ୍ଷ୍ମଣ ନାଏକ



◆ ଦଶରଥ ହେମ୍ବ୍ରମ୍

୧୮୦୩ରେ ଇଂରେଜମାନେ ଉତ୍କଳ ପ୍ରଦେଶକୁ ଦଖଲ କଲେ । ଅନ୍ୟ ପ୍ରଦେଶ ଭଳି ଏଠି ମଧ୍ୟ ପାରମ୍ପରିକ ଆଇନ-କାନୁନକୁ ଉଚ୍ଛେଦ କରି ବ୍ରିଟିଶ ଆଇନ ଲାଗୁ କରାଗଲା । ଏହାଦ୍ୱାରା ଉତ୍କଳବାସୀଙ୍କ ଉପରେ ଅକଥନୀୟ ଅନ୍ୟାୟ, ଅତ୍ୟାଚାର, ଅନୀତି, ଦୁର୍ନୀତି ଓ ଶୋଷଣ ଆରମ୍ଭ କରାଗଲା । ଯେଉଁମାନେ ଏହାର ପ୍ରତିବାଦ କଲେ ସେମାନଙ୍କ ଉପରେ ମିଥ୍ୟା ମୋକଦ୍ଦମା ରୁଜୁ କରି ଦୋଷୀ ସାବ୍ୟସ୍ତ କରାଗଲା ଏବଂ ଆଜୀବନ କାରାଦଣ୍ଡରେ ଦଣ୍ଡିତ ହେଲେ । ବଳପୂର୍ବକ ସେମାନଙ୍କ ଧନ, ସମ୍ପତିକୁ ହଡ଼ପ କରାଗଲା । ଏହିଭଳି ଅନ୍ୟାୟ ଶାସନ ବିରୋଧରେ ଉତ୍କଳୀୟ ବୀରପୁତ୍ର ମାନେ ଇଂରେଜ ବିରୋଧରେ ବିଦ୍ରୋହ ପାଇଁ ଡାକରା ଦେଲେ । ଅନେକ ସମୟରେ ବିଦ୍ରୋହ ହେଲା, ବିଦ୍ରୋହରେ ଅନେକ ଉତ୍କଳୀୟ ବୀରପୁତ୍ରମାନେ ସହିଦ ମଧ୍ୟ ହେଲେ । ସେମାନଙ୍କ ମଧ୍ୟରୁ ଆଦିବାସୀ ବୀର ଶହୀଦ ଲକ୍ଷ୍ମଣ ନାଏକ ଅନ୍ୟତମ । ସେ ଜଣେ ଆଦିବାସୀ ନେତା ଥିଲେ, ଯିଏକି ବ୍ରିଟିଶ ଶାସନର ଅନ୍ୟାୟ ଓ ଶୋଷଣ ବିରୋଧରେ ସଂଗ୍ରାମ କରି ନିଜ ଜୀବନକୁ ବଳିଦାନ ଦେଇଥିଲେ । ତାଙ୍କର ପ୍ରତିଟି ରକ୍ତ ବିନ୍ଦୁରେ ଦେଶପ୍ରେମ ଓ ବୀରତ୍ୱର କାହାଣୀ ସ୍ୱାଧୀନତା ଆନ୍ଦୋଳନର ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲେଖା ହୋଇଛି, ଯାହା ଏହି ବିଷୟରେ ଆଲୋକପାତ କଲେ ତାଙ୍କୁ 'ଆଦିବାସୀମାନଙ୍କ ମଉଡ଼ମଣି' ବୋଲି ଅଭିହିତ କରାଯାଇ ପାରେ । ମହାତ୍ମା ଗାନ୍ଧୀଙ୍କ ପ୍ରେରଣା ଓ ଦିଗ୍‌ଦର୍ଶନରେ ଦେଶ ପାଇଁ ଶହୀଦ ହେବା ପୂର୍ବରୁ ନିଶ୍ଚୟ ଏ ଦେଶ ସ୍ୱାଧୀନତା ଆସିବ ବୋଲି ସେ ଦୃଢ଼ ଆଶା କରିଥିଲେ, ତାହା ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ସଂପୂର୍ଣ୍ଣ ହୋଇଥିଲା । ଜାତିର ପିତା ମହାତ୍ମା ଗାନ୍ଧୀଙ୍କର ଅନୁସରଣ, ସ୍ୱେଚ୍ଛା ଦେଶଭକ୍ତ, ଗାନ୍ଧୀଙ୍କର ଆଜ୍ଞାଧୀନ ଛାତ୍ର, ବିଶ୍ୱସ୍ତ ଭାରତଛାଡ଼ ଆନ୍ଦୋଳନର ଜଣେ ନିଷ୍ଠାପର ସହଯୋଗୀ ହୋଇ ଥିବାରୁ ଓଡ଼ିଶା ରାଜ୍ୟର 'ମାଲକାନଗିରି-କୋରାପୁଟର ଗାନ୍ଧୀ' ନାମରେ ପରିଚିତ । କୋରାପୁଟ ରାଜା ତୃତୀୟ ବିକ୍ରମଦେବ ମୁସ୍ତାଦାର ବା ନାୟକ ପଦରେ ଲକ୍ଷ୍ମଣଙ୍କ ପିତା ପଦ୍ଲମ ନାଏକଙ୍କୁ ନିଯୁକ୍ତ ଦିଆଯାଇଥିଲା, କିନ୍ତୁ ସେ ବ୍ରିଟିଶ ସରକାରଙ୍କ ଅଧୀନରେ ରହି କାର୍ଯ୍ୟ ନିର୍ବାହ କରୁଥିଲେ । ତେନ୍ତୁଲିଗୁମା, ସାନଗୁମ୍ମା, ବେଜୁଣୀଗୁଡ଼ା, ଲେକିଗୁଡ଼ା, ଅଁଳାଗୁଡ଼ା ଆଦି ଅ□ଳରୁ ଖଜଣା ଆଦାୟ କରିବା ତାଙ୍କର ଦାୟିତ୍ୱ ଥିଲା । ସେହି ସମୟରେ ଆଦିବାସୀ ମାନଙ୍କ ଉପରେ ରାଜସ୍ୱ ଅଧିକାରୀ, ଜଙ୍ଗଲ ପ୍ରହରୀ ଓ ପୋଲିସ କର୍ମଚାରୀ ମାନଙ୍କ ଦ୍ୱାରା ଅତ୍ୟାଚାର ଓ ଶୋଷଣ ଅତ୍ୟଧିକ ଚାଲିଥିଲା । ଏହିସବୁ ଅନ୍ୟାୟ ଦେଖି ଲକ୍ଷ୍ମଣ ନାଏକଙ୍କ ମନରେ ବିଦ୍ରୋହର ଅଗ୍ନି ବର୍ଷଣ ହେବାରେ ଲାଗିଲା । ପଛଘୁ□ା ନଦେଇ ସାହସିକତାର ପରିଚୟ ଦେଇ ସେ ଆଦିବାସୀଙ୍କ ଦେବଦୂତ ସାଜିଲେ ଏବଂ ଜଣେ ସୁଦକ୍ଷ ନେତା ଭାବରେ ଉଭା



ହେଲେ । ବ୍ରିଟିଶ ଅଧିକାରୀ ମାନଙ୍କ ଦ୍ୱାରା ହେଉଥିବା ଶୋଷଣ ଓ ଶାସନର ଅତ୍ୟାଚାର ବିରୋଧରେ ସ୍ଥାନୀୟ ଲୋକମାନଙ୍କୁ ଏକାଠି କଲେ । ତାଙ୍କର ଏହି ପ୍ରୟାସ ଜାରି ରଖି ଅପୂର୍ବ ସଫଳତା ପ୍ରାପ୍ତ ହୋଇ ଜଣେ ଶକ୍ତିଶାଳୀ ଆଦିବାସୀ ନେତା ଭାବେ ଭାରତରେ ସୁନାମ ଆଣିଲେ । ଏହା ପରେ ସେ ଭାରତୀୟ ଜାତୀୟ କଂଗ୍ରେସ ଦଳରେ ସାମିଲ ହେଲେ ଏବଂ ମହାତ୍ମା ଗାନ୍ଧୀଙ୍କ ସତ୍ୟ, ଅହିଂସା ଓ ଅସହଯୋଗ ନୀତିକୁ ଆପଣାଇ ନେଲେ । ମହାତ୍ମା ଗାନ୍ଧୀ ଦକ୍ଷିଣ ଆଫ୍ରିକାରୁ ୧୯୧୫ରେ ଭାରତ ଫେରିଆସି ୧୯୧୭ରେ ଜାତୀୟ କଂଗ୍ରେସର ସଭାପତି ହୋଇଥିଲେ । ୧୯୨୦ରେ ଅସହଯୋଗ ଆନ୍ଦୋଳନର ଡାକରା ଦେଲେ । ଏହାପରେ ଲବଣ ସତ୍ୟାଗ୍ରହ, 'କୁଟି ଖାଅ କାଟି ପିନ୍ଧ'ର ସ୍ଲୋଗାନ୍‌ରେ ଶହଶହ ସ୍ୱାଧୀନତା ପ୍ରେମୀ ଗାନ୍ଧିଜୀଙ୍କ ସହ ଯୋଡ଼ି ହେଇଥିଲେ । ମହାତ୍ମା ଗାନ୍ଧୀଙ୍କ ନୀତି ଆଦର୍ଶରେ ଲକ୍ଷ୍ମଣ ନାଏକ ସ୍ୱାଧୀନତା ଆନ୍ଦୋଳନରେ ଲମ୍ଫ ପ୍ରଦାନ କରି ଗାଁକୁ ଗାଁ ବୁଲି ଲୋକଙ୍କୁ ନିର୍ଭୀକ ହେବା ସହ ସରକାରଙ୍କୁ ବେନିୟମ ଖଜଣା ନ ଦେବା, ଅହିଂସା ମାର୍ଗରେ ପରିଚାଳିତ ହେବା, ମଦ୍ୟ/ହାଣ୍ଡିଆ ତ୍ୟାଗ କରିବା, ବଳିପ୍ରଥାକୁ ଉଚ୍ଛେଦ କରିବା, ଅନ୍ଧବିଶ୍ୱାସ-କୁସଂସ୍କାର ପରି ମହାମାରୀଠୁ ଦୂରେଇ ରହିବା ସହ ଏକ ଶୃଙ୍ଖଳିତ ଜୀବନ ଧାରଣ ନିମନ୍ତେ ବାର୍ତା ପ୍ରଚାର କଲେ । ନିରକ୍ଷର ଆଦିବାସୀଙ୍କୁ ସାକ୍ଷର କରିବା ପାଇଁ କୋରାପୁଟର ଉଦୟଗିରିଠାରେ ଏକ ସ୍କୁଲ ମଧ୍ୟ ଖୋଲିଲେ । ଏହିପରି ମହତ କାର୍ଯ୍ୟ ଦ୍ୱାରା ସାମାଜିକ ସଂସ୍କାରରେ ବଡ଼ ପରିବର୍ତନ ଆଣିବାରେ ସେ ସଫଳ ହୋଇଥିଲେ । ୧୯୪୨ ମସିହା ଅଗଷ୍ଟ ୯ ତାରିଖରେ ବମ୍ବେ ଅଧିବେଶନରେ ଭାରତ ଛାଡ଼ ପ୍ରସ୍ତାବ ପାସ୍ ହେଲା । ପରେ ବ୍ରିଟିଶ ସରକାର ଏହାକୁ ବେଆଇନ ଘୋଷଣା କଲେବି ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ସମଗ୍ର ଭାରତ ବର୍ଷରେ 'ଭାରତ ଛାଡ଼ ଆନ୍ଦୋଳନ' ଚାଲିଲା । କୁହାଯାଏ, ଏହା ଥିଲା ସ୍ୱାଧୀନତା ଆନ୍ଦୋଳନର ଅନ୍ତିମ ପର୍ବ ବୋଲି । କିନ୍ତୁ ଏହି ସମୟରେ ଭାରତରେ ଥିବା ଆଦିବାସୀ ସଂଗ୍ରାମୀମାନେ ପାରମ୍ପରିକ ଅସ୍ତ୍ରଶସ୍ତ୍ର ଧରି ବିଦ୍ରୋହ କରିବାକୁ ଆଗେଇ ଆସିଥିଲେ । ତାହାର ଉଦାହରଣ ହେଲା, କୋରାପୁଟ ଜିଲ୍ଲାର ଗୁଣୁପୁର, ରାୟଗଡ଼ାରେ 'ଗୁମ୍ମା ଗରବା ମେଳି' । ସେହିପରି ପାରଳାଖେମୁଣ୍ଡି ଅଂଚଳର ମୁଠାଦାର ମାନେ ସରକାରଙ୍କ ବିରୁଦ୍ଧରେ ମହାମେଳି, କୋରପୁଟକୁ ଲାଗିଥିବା ମଧ୍ୟପ୍ରଦେଶ (ଅଧୁନା ଛତିଶଗଡ଼)ରେ 'ବସ୍ତର ମେଳି', ଆନ୍ଧ୍ରପ୍ରଦେଶରେ ଆଲୁରୀ ସୀତାରାମ ରାଜୁଙ୍କ ନେତୃତ୍ୱରେ 'ରମ୍ପା ମେଳି' ଅନ୍ୟତମ ମୁଖ୍ୟ ବିଦ୍ରୋହ/ମେଳି । କିନ୍ତୁ ଏହି ସମୟରେ ମହାତ୍ମା ଗାନ୍ଧୀଙ୍କ 'କର ବା ମର' ସମ୍ବାଦ ପାଇବା ପରେ ଲକ୍ଷ୍ମଣ ନାଏକ ବଳରାମ ପୁଜାରୀଙ୍କ ଦ୍ୱାରା ଜୟପୁରରୁ ଆସିଥିବା ନିର୍ଦ୍ଦେଶଗୁଡ଼ିକୁ ଆଦିବାସୀ ଭାଷାରେ ଅନୁବାଦ କରି ଲୋକମାନଙ୍କୁ ସତ୍ୟାଗ୍ରହ ଓ ସ୍ୱାଧୀନତା ନିମନ୍ତେ ଅହିଂସା ଲଢ଼େଇର ବାର୍ତା ପ୍ରଚାର କରାଇଲେ । ତେଣୁ ୧୯୪୨ ମସିହା ଅଗଷ୍ଟ ୨୧ ତାରିଖ ଶୁକ୍ରବାର ଗାନ୍ଧୀଙ୍କ ଆହ୍ୱାନକ୍ରମେ ମାଥିଲି ଥାନା ସମ୍ମୁଖରେ ଲୋକ ମାନଙ୍କୁ ନେଇ ବ୍ରିଟିଶ ଶାସନ ବିରୋଧରେ ଏକ ଶାନ୍ତିପୂର୍ଣ୍ଣ ପ୍ରଦର୍ଶନର ନେତୃତ୍ୱ ଲକ୍ଷ୍ମଣ ନେଇ ଥିଲେ । ସତ୍ୟ ଓ ଅହିଂସାପୂର୍ଣ୍ଣ ଭାବରେ ଥାନା ଉପରେ ତ୍ରିରଙ୍ଗା ପତାକା ଉଡ଼ାଇବା ମୁଖ୍ୟ ଲକ୍ଷ୍ୟ ଥିଲା । କିନ୍ତୁ ବ୍ରିଟିଶ ପୋଲିସ ମାନେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନକାରୀ ଙ୍କ ଉପରେ ଲାଠିମାଡ଼ ସହ ଲକ୍ଷ୍ମଣ ନାୟକଙ୍କୁ ବନ୍ଧୁକରେ ନିସ୍ତୁକ ମାଡ଼ ମାରିଲେ ଏବଂ ତାଙ୍କର ବୀରକେଶକୁ ଓପାଡ଼ି ନିଆଁ ଲଗାଇ ଦେଇ ଥିଲେ । ଲକ୍ଷ୍ମଣ ନାଏକ ବେହୋସ ହୋଇ ପଡ଼ିଲା ପରେ ବ୍ରିଟିଶ ପୋଲିସମାନେ ଜନସାଧାରଣଙ୍କ ଉପରେ ଗୁଳିଚାଳନା କରି ଥାନା ପରିସର ମଧ୍ୟରେ ୪୦ ଜଣଙ୍କର ମୃତ୍ୟୁ ଘଟିଥିଲା ଓ ୨୦୦ରୁ ଅଧିକ ଲୋକ ଆହତ ହୋଇ ଥିଲେ । ସେହିଦିନ ଗୁଳିକାଣ୍ଡରେ ମାତାଲ ଅବସ୍ଥାରେ ଥିବା ଫରେଷ୍ଟଗାର୍ଡ ଜି. ରାମୟାର ମୃତ୍ୟୁ ହେଇଥିଲା । ଏହିସବୁର ମୂଳ କାରଣ ଲକ୍ଷ୍ମଣ ନାଏକଙ୍କ ଦ୍ୱାରା ହିଁ ହୋଇଛି ଦର୍ଶାଯାଇ, ତାଙ୍କ ବିରୋଧରେ ଏକ ମିଥ୍ୟା ହତ୍ୟା ମାମଲା ଥାନାରେ ଦାୟର କରାଗଲା । ବିଚାର ବିଭାଗ ଲକ୍ଷ୍ମଣଙ୍କୁ ଦୋଷୀ ସାବ୍ୟସ୍ତ କରି ୧୯୪୨ ମସିହା ନଭେମ୍ବର ୧୩ ତାରିଖରେ ତାଙ୍କର ମୃତ୍ୟୁଦଣ୍ଡ ଘୋଷଣା କଲା ଓ ୧୯୪୩ ମସିହା ମାର୍ଚ୍ଚ ୨୯ ତାରିଖରେ ବ୍ରହ୍ମପୁର ଜେଲରେ ତାଙ୍କୁ ଫାଶୀ ଦିଆଗଲା । ଲକ୍ଷ୍ମଣ ନାଏକଙ୍କ ବୀରତ୍ୱ, ତ୍ୟାଗ ଓ ବଳିଦାନ ଭାରତ ତଥା ଓଡ଼ିଶାର ସ୍ୱାଧୀନତା ଆନ୍ଦୋଳନର ଏକ ମହତ୍ୱପୂର୍ଣ୍ଣ ଅଧ୍ୟାୟ କହିଲେ ଅତ୍ୟୁକ୍ତି ହେବ ନାହିଁ । ତାଙ୍କର ଅଦମ୍ୟ ସାହସ ଓ ଆତ୍ମତ୍ୟାଗ ଅନ୍ୟମାନଙ୍କୁ ଶିଖାଇ ଦିଏ ଯେ, ସ୍ୱାଧୀନତା ଏକ ରାଜନୈତିକ ମୁକ୍ତି ନୁହେଁ, ବରଂ ସତ୍ୟ ଓ ନ୍ୟାୟ ପାଇଁ ଲଢ଼ିବାର ଏକ ସାହସିକତାକୁ ସୂଚାଏ ଏବଂ ସାମାଜିକ ନ୍ୟାୟ ବ୍ୟବସ୍ଥା ଓ ସମାନତା ଅଧିକାର ପ୍ରତୀକ । ତେଣୁ ତାଙ୍କର ସାହସିକତା ଓ ଦେଶପ୍ରେମ ପାଇଁ ସମସ୍ତ ଓଡ଼ିଆ ପ୍ରାଣରେ ଚିରନମସ୍ୟ ହୋଇ ରହିଛନ୍ତି ।

*ଦୁର୍ନୀତି ନିବାରଣ ଅଧିକାରୀ,*
*ଦୁର୍ନୀତି ନିବାରଣ ବିଭାଗ,*
*ବାଲେଶ୍ୱର ଖଣ୍ଡ, ବାଲେଶ୍ୱର,*
*ମୋ -୯୩୩୭୪୦୪୨୫୪*

# ସମର୍ପିତ କର୍ମ ହିଁ ରାଷ୍ଟ୍ରଭକ୍ତି

◆ ଅଧ୍ୟାପକ ଗୋପବନ୍ଧୁ

ପ୍ରାଥମିକ ସ୍କୁଲରେ ପଢିବା କାଳରେ ରାଷ୍ଟ୍ରଭକ୍ତି କଣ, ରାଷ୍ଟ୍ରଭକ୍ତ କିଏ, ରାଷ୍ଟ୍ର ବିରୋଧି କିଏ ଏ ସମସ୍ତ ବିଷୟରେ ଏବେ ଯେଉଁ ବ୍ୟାପକ ଚର୍ଚ୍ଚା ହେଉଛି ସେ ବିଷୟରେ ବିଶେଷ ଧାରଣା ନଥିଲା । ଆମେ ଜାଣିଥିଲୁ ଯେଉଁମାନେ ସ୍ୱାଧୀନତା ସଂଗ୍ରାମୀ ଥିଲେ ସେମାନେ ରାଷ୍ଟ୍ରଭକ୍ତ ଓ ସୀମାରେ ଯେଉଁମାନେ ଭାରତପାଇଁ ଲଢୁଛନ୍ତି ସେମାନେ ରାଷ୍ଟ୍ରଭକ୍ତ । ଦେଶ ବିରୁଦ୍ଧରେ ଯେଉଁମାନେ କାମ କରୁଛନ୍ତି ସେମାନେ ରାଷ୍ଟ୍ରଦ୍ରୋହୀ । ରାଷ୍ଟ୍ରଭକ୍ତ ଓ ରାଷ୍ଟ୍ରଦ୍ରୋହୀର ନିର୍ଣ୍ଣୟ ଧର୍ମ ଓ ରାଜନୀତିର ରେଖା ଟାଣି ନିର୍ଣ୍ଣୟ କରାଯାଇ ପାରେ ଏହା ମଧ୍ୟ ଅକଳ୍ପନୀୟ ଥିଲା । ସେ ସମୟରେ ଶହୀଦ ଭଗତ୍ ସିଂଙ୍କ ସ୍ୱାଧୀନତା ସଂଗ୍ରାମ ଆମକୁ ଯେଉଁପରି ରୋମାଂଚିତ କରୁଥିଲା, ବୀର ଅବଦୁଲ୍ ହମିଦଙ୍କ ବୀରଗାଥା ସେହିପରି ଦେହରେ ଶିହରଣ ଖେଳାଇ ଦେଉଥିଲା । ଅଗଷ୍ଟ ୧୫ ଓ ଜାନୁଆରୀ ୨୬ ତାରିଖରେ ପ୍ରଧାନଶିକ୍ଷକ ଯେତେବେଳେ ଜାତୀୟ ପତାକା ଉତୋଳନ କରୁଥିଲେ ଓ ଅଭିଭାଷଣ ଦେଉଥିଲେ ଆମ ମଧ୍ୟରେ ଏକପ୍ରକାର ନୂଆଭାବନା ସୃଷ୍ଟି ହେଉଥିଲା ଦେଶପାଇଁ କାମ କରିବାର, ଦେଶକୁ ଆଗେଇ ନେବାର, ଆବଶ୍ୟକ ହେଲେ ଦେଶପାଇଁ ଜୀବନ ଦେବାର । ଏହାହିଁ ଥିଲା ବୋଧହୁଏ ରାଷ୍ଟ୍ରଭକ୍ତି, ଯାହା ଆପେ ହୃଦୟ ଭିତରୁ ନିଃସୃତ ହେଉଥିଲା । ଅନେକ ଦିନ ପର୍ଯ୍ୟନ୍ତ ମୋର ଧାରଣା ଥିଲା ଯେ ଅଗଷ୍ଟ ୧୫ ଓ ଜାନୁଆରୀ ୨୬ ତାରିଖ ଦିନ ଜାତୀୟ ପତାକା ଉଡାଇବା, ସ୍ୱାଧୀନତା ସେନାନୀଙ୍କ ସପକ୍ଷରେ ଜୟଧ୍ୱନି ପକାଇବା ଓ ରାଷ୍ଟ୍ରୀୟ ସଙ୍ଗୀତ ଗାନ କରିବା ହିଁ ରାଷ୍ଟ୍ରଭକ୍ତି । ପରେ ମନକୁ ପ୍ରଶ୍ନ ଆସିଥିଲା ଏଗୁଡିକୁ ନିଷ୍ଠାର ସହିତ ପାଳନ କରିବା ଦ୍ୱାରା ଗୋଟିଏ ଦେଶ ଆଗକୁ ବଢିବ କିପରି ? ଗୋଟିଏ ରାଷ୍ଟ୍ରର ଆର୍ଥିକ, ଶିକ୍ଷାଗତ ଓ ସାମାଜିକ ଅବସ୍ଥାରେ ବିକାଶ ଆସିବ କିପରି ? ପରେ ହୃଦବୋଧ ହେଲା ଯେ ଏ ସମସ୍ତ କାର୍ଯ୍ୟକ୍ରମ ରାଷ୍ଟ୍ରଭକ୍ତିର ଆନୁସାଙ୍ଗିକ ବିଷୟ । ପ୍ରକୃତ ରାଷ୍ଟ୍ରଭକ୍ତି ଅନ୍ୟକିଛି । ସେହି ଲକ୍ଷ୍ୟ ହାସଲ ପାଇଁ ଏହି ଦିନମାନଙ୍କରେ ଏତେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୁଏ । ରାଷ୍ଟ୍ରଭକ୍ତି ଏକ ଅନ୍ତର୍ନିହିତ ଚେତନା । ଏହି ଚେତନାକୁ ଉଦ୍ବୁବିତ କରିବା ପାଇଁ ଏତେସବୁ କାର୍ଯ୍ୟକ୍ରମ । ରାଷ୍ଟ୍ରଭକ୍ତି ହେଉଛି ଛଳନାମୁକ୍ତ ଗଭୀର ଦେଶପ୍ରେମର ଭାବନା । ଏହା ଜାତୀୟ ପତାକା ଉତୋଳନ, ଜୟଧ୍ୱନି ଓ ରାଷ୍ଟ୍ରୀୟ ସଙ୍ଗୀତ ଗାନ ମଧ୍ୟରେ ସୀମିତ ନୁହେଁ । ବାସ୍ତବପକ୍ଷେ ରାଷ୍ଟ୍ରପ୍ରତି ସମର୍ପିତ କର୍ମ ହେଉଛି ପ୍ରକୃତ ଦେଶଭକ୍ତି । ଜଣକର ରାଷ୍ଟ୍ରପ୍ରେମ ତାହାର କର୍ତବ୍ୟ ପରାୟଣତାରୁ ପରିପୁଷ୍ଟ ହୁଏ । ରାଷ୍ଟ୍ର ତାକୁ ଯେଉଁ ଦାୟିତ୍ୱ ଦେଇଛି, ତାକୁ ସେ କେତେ ସୂଚାରୁ ରୂପେ ସମ୍ପାଦନ କରୁଛି ତାହାହିଁ ତାର ରାଷ୍ଟ୍ରଭକ୍ତିର ପରିମାପକ । ରାଷ୍ଟ୍ରଭକ୍ତି ସହିତ ସ୍ୱଚ୍ଛୋଟତା, କର୍ମଠତା, କର୍ତବ୍ୟପରାୟଣତା, ସମୟବଦ୍ଧତା, ସମାଜପ୍ରୀତି, ସମାନତାରେ ବିଶ୍ୱାସୀ ଓ ସର୍ବୋପରି ଗଣତାନ୍ତ୍ରିକ ବିଚାରଧାରାର ଅନୁଗାମୀ ହେବା ଜଡିତ ହୋଇ ରହିଛି । ଏହା ଜଣକର ପ୍ରକୃତ ଦେଶଭକ୍ତ ହେବାର ପରିଚୟ ଦିଏ । ଜଣେ ଭ୍ରଷ୍ଟାଚାରୀ, କର୍ତବ୍ୟବିମୁଖ, ଅସାମାଜିକ ବ୍ୟକ୍ତି, ସମାନତାର ବିରୋଧି ତଥା ଗଣତାନ୍ତ୍ରିକ ମୂଲ୍ୟବୋଧରେ ଅବିଶ୍ୱାସୀ ଲୋକ କେବେବି ରାଷ୍ଟ୍ରଭକ୍ତ ହୋଇପାରିବ ନାହିଁ । ଏମାନେ କଦାପି ରାଷ୍ଟ୍ରବାଦୀ ନୁହଁନ୍ତି । ଏମାନଙ୍କ ଜାତୀୟ ପତାକା ଉତୋଳନ ଓ ଜାତୀୟ ସଙ୍ଗୀତ ଗାନ ଛଳନା ମାତ୍ର । ଏହିପ୍ରକାର ଲୋକ ନିଜକୁ ଯେତେ ବଡ ରାଷ୍ଟ୍ରଭକ୍ତ ବୋଲି ପ୍ରଦର୍ଶିତ କଲେବି କଦାପି ରାଷ୍ଟ୍ରବାଦୀ ହୋଇପାରିବେ ନାହିଁ । ଜଣେ ରାଜନେତା ସ୍ୱଚ୍ଛୋଟ, ଭ୍ରଷ୍ଟାଚାର ମୁକ୍ତ, ନିରପେକ୍ଷ ଓ ଦରଦୀ ବ୍ୟକ୍ତିବିଶେଷ ହେବା ଆବଶ୍ୟକ । କୌଣସି ରାଜନେତା ଯଦି ଭ୍ରଷ୍ଟାଚାରରେ ଲିପ୍ତ ଥାଏ, ରାଷ୍ଟ୍ର ବିରୋଧି କାର୍ଯ୍ୟ କରୁଥାଏ ଓ ଜନବିରୋଧୀ ପଦକ୍ଷେପ ନେଉଥାଏ ତେବେ ସେ କଦାପି ରାଷ୍ଟ୍ରଭକ୍ତ ନୁହେଁ । ସେହିପରି ଜଣେ ପ୍ରଶାସନିକ ଅଧିକାରୀ କିମ୍ବା ସାଧାରଣ କର୍ମଚାରୀ ନିଜ ଦାୟିତ୍ୱ ଠିକ୍ ଭାବରେ ସମ୍ପାଦନ କରିବା ହିଁ ତାର ରାଷ୍ଟ୍ରଭକ୍ତି । ଶ୍ରମିକ, କୃଷକ, କାରିଗର, ଶିକ୍ଷକ, ଡାକ୍ତର, ଇଂଜିନିୟର, ସର୍ବୋପରି ସମସ୍ତେ ଯିଏ ଯାହା କରୁଛନ୍ତି ତାହାକୁ ରାଷ୍ଟ୍ରୀୟ ଦାୟିତ୍ୱଭାବେ ଗ୍ରହଣ କରି ସୁଚାରୁରୂପେ ସମ୍ପାଦନ କରିବା ହିଁ ରାଷ୍ଟ୍ରଭକ୍ତି । ଏଗୁଡ଼ିକ କେବଳ ଜୀବିକା ନୁହେଁ । ଏଗୁଡିକ ରାଷ୍ଟ୍ର ପ୍ରଦତ କାର୍ଯ୍ୟ । ଶିକ୍ଷକ ଠିକ୍ ସମୟରେ ସ୍କୁଲରେ ପହଂଚିବା, ଠିକ୍ ସମୟରେ କ୍ଲାସକୁ ଯିବା, ଛାତ୍ରମାନଙ୍କ ପାଇଁ ନିଜକୁ ଆଦର୍ଶ ବ୍ୟକ୍ତିଭାବେ ପ୍ରତିଷ୍ଠିତ କରିବା ଓ ଉନ୍ନତ ମାନର ଶିକ୍ଷା ଦେବା ହେଉଛି ତାର ରାଷ୍ଟ୍ରଭକ୍ତି । ସେହିପରି ଜଣେ ଡାକ୍ତରଙ୍କ ନିସ୍ୱାର୍ଥପର ରୋଗୀସେବା ହେଉଛି ତାଙ୍କର ରାଷ୍ଟ୍ରଭକ୍ତି । ଜଣେ ଶ୍ରମିକ କରୁଥିବା କାର୍ଯ୍ୟର ଶ୍ରେଷ୍ଠ ସମ୍ପାଦନ ତାର ରାଷ୍ଟ୍ରଭକ୍ତି । ଅନ୍ୟମାନେ ଯିଏ ଯେଉଁ କାର୍ଯ୍ୟାକୁ ଜିବୀକାଭାବେ ଗ୍ରହଣ କରିଛି ତାହାର ଶ୍ରେଷ୍ଠ ପ୍ରଦର୍ଶନ ହେଉଛି ତାହାର ରାଷ୍ଟ୍ରଭକ୍ତି । କାର୍ଯ୍ୟର ଶ୍ରେଷ୍ଠ ସମ୍ପାଦନ ହେଉଛି ପ୍ରକୃତ ରାଷ୍ଟ୍ରଭକ୍ତି । ଏହାହିଁ ଗୋଟିଏ ରାଷ୍ଟ୍ରକୁ ଆଗକୁ ଆଗେଇ ନେବାର ଏକମାତ୍ର ମାର୍ଗ । ଯେଉଁମାନେ କର୍ତବ୍ୟରେ ଅବହେଳା କରନ୍ତି, ନାନା ଆଳ ଦେଖାଇ ଲୋକମାନଙ୍କୁ ହଇରାଣ କରନ୍ତି, ଉତ୍କୋଚ ଗ୍ରହଣ କରନ୍ତି, ପ୍ରିୟାପ୍ରୀତି ତୋଷଣରେ ଲିପ୍ତ ଥାନ୍ତି, କାର୍ଯ୍ୟ ସମ୍ପାଦନା କ୍ଷେତ୍ରରେ ସମୟାନୁବର୍ତି ନୁହଁନ୍ତି, ସେମାନେ କଦାପି ରାଷ୍ଟ୍ରଭକ୍ତ ନୁହଁନ୍ତି । ପ୍ରତିବର୍ଷ ରାଜନୈତିକ ଦଳମାନେ ସ୍ୱାଧୀନତା ଦିବସ ଉପଲକ୍ଷେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରନ୍ତି । କେତେବେଳେ 'ହରଘର ତ୍ରିରଙ୍ଗା' କାର୍ଯ୍ୟକ୍ରମ ତ କେତେବେଳେ 'ହରହାତ ତ୍ରିରଙ୍ଗା' କାର୍ଯ୍ୟକ୍ରମ । ଏହା ରାଷ୍ଟ୍ରୀୟ ଭାବନା ଜାଗ୍ରତ କରିବାର ସାଧୁ ଉପାୟ ନିଶ୍ଚୟ । ଲୋକମାନଙ୍କ ମଧ୍ୟରେ ରାଷ୍ଟ୍ରଭକ୍ତିର ଭାବନା ଜାଗ୍ରତ ହେଉ ଏହା କିଏ ନଚାହିଁବ । ତେବେ ଏହା ଲୋକ ଦେଖାଣିଆ ନହେଉ । ଲୋକମାନଙ୍କୁ ରାଷ୍ଟ୍ରୀୟ କର୍ତବ୍ୟ ପାଳନ କରିବା ପାଇଁ ପ୍ରେରୀତ କରାଯାଉ । ତାଙ୍କ ମଧ୍ୟରେ ସଚ୍ଚୋଟ ହେବାର ଭାବନା ଜାଗ୍ରତ କରାଯାଉ । ତାଙ୍କ ମଧ୍ୟରେ ସେବା ମନୋଭାବ ଜାଗ୍ରତ କରାଯାଉ ଓ ଅନ୍ୟାୟ ବିରୁଦ୍ଧରେ ଲଢିବାର ସାହସ ଉଦ୍ରେକ କରାଯାଉ । କେବଳ ଜନତା ନୁହେଁ ସମସ୍ତ ରାଜନୈତିକ ଦଳ ମଧ୍ୟ ରାଷ୍ଟ୍ରଭକ୍ତି ଭାବନାରେ ଉଦ୍ଭାସିତ ହୁଅନ୍ତୁ । ଦେଶକୁ ଐକବଦ୍ଧ କରାଯାଉ ଓ ଭ୍ରଷ୍ଟାଚାର ମୁକ୍ତ କରାଯାଉ । ଭୋଟ୍ ପାଇଁ ସମାଜକୁ ବିଭାଜିତ କରାନଯାଉ । ରାଷ୍ଟ୍ରୀୟ ସମ୍ପତିକୁ କେତେଜଣ ପୁଞ୍ଜିପତିଙ୍କ ହାତରେ ଟେକି ଦିଆନଯାଉ । ନିଜର ନିହିତ ସ୍ୱାର୍ଥ ସାଧନ ପାଇଁ ରାଷ୍ଟ୍ରୀୟ ଭାବନାର ଅପବ୍ୟବହାର ନହେଉ । ଦେଶରେ ଶିକ୍ଷା ଓ ସ୍ୱାସ୍ଥ୍ୟ ସେବାର ବିକାଶ ଉପରେ ଗୁରୁତ୍ୱ ଦିଆଯାଉ । ରାଜନୀତିକୁ ଆଦର୍ଶଗତ ବନାଯାଉ । ଲୋକଙ୍କ ଦୈନନ୍ଦିନ ଆବଶ୍ୟକତାକୁ ଦୃଷ୍ଟିରେ ରଖି ରାଜନୀତି କରାଯାଉ । ଦେଶର ଗଣତାନ୍ତ୍ରିକ ଢାଂଚାକୁ ଆହୁରି ମଜଭୁତ କରାଯାଉ । ବିତର୍କ ଗଣତନ୍ତ୍ରକୁ ସୁଦୃଢ କରେ । ତେଣୁ କୌଣସି ସରକାର ବିତର୍କକୁ ଭୟ ନକରୁ । ରାଜନୈତିକ ଦଳମାନେ ତଥା ସରକାର ସଂକୀର୍ଣ୍ଣତା ଓ ପ୍ରତିହିଂସା ମନୋଭାବରୁ କ୍ଷାନ୍ତ ହୁଅନ୍ତୁ । ଲୋକମାନେ ସତର୍କ ରୁହନ୍ତୁ ଯେଉଁପରି ତାଙ୍କ ରାଷ୍ଟ୍ରୀୟ ଭାବନାର ଅପପ୍ରୟୋଗ ନହେଉ । ସେମାନେ ବିଚାର କରନ୍ତୁ କିଏ ପ୍ରକୃତରେ ରାଷ୍ଟ୍ରଭକ୍ତ । ଯିଏ ତାଙ୍କୁ ଆଦର୍ଶର ମାର୍ଗ ଦେଖାଉଛି ସିଏ ନା ଯିଏ ତାଙ୍କୁ ଶୋଷଣ କରିଚାଲିଛି ସିଏ । କିଏ ନିଜ ଅହଙ୍କାରକୁ ଲୁଚାଇବା ପାଇଁ ରାଷ୍ଟ୍ରଭକ୍ତିର ଆଶ୍ରା ନେଉଛି ଓ କିଏ ସାଧାରଣ ଜନତାର ସମସ୍ୟାର ସମାଧାନ ପାଇଁ ରାଷ୍ଟ୍ରଭକ୍ତିର ଆଶ୍ରା ନେଇଛି । କିଏ ସମତାଭିତିକ ସମାଜ କଥା କହୁଛି ଓ କିଏ ଅସମାନତାକୁ ଜାବୁଡି ଧରିଛି । ଲୋକମାନେ ଏକଥାକୁ ବୁଝନ୍ତୁ ।

(ଅବସରପ୍ରାପ୍ତ ଦର୍ଶନ ବିଭାଗ)ବାରିପଦା, ମୟୂରଭଞ୍ଜ, ପିନ୍- ୭୫୭୦୦୨











# ବାରିପଦାରେ ଓରମାସ୍ ରାଖି ଷ୍ଟଲ୍ ଉଦ୍‌ଘାଟିତ

## ମୟୂରଭଞ୍ଜର ହସ୍ତନିର୍ମିତ ଓ ପରିବେଶ ଅନୁକୂଳ ରାଖିକୁ ମିଳୁଛି ବ୍ୟାପକ ବଜାର ସୁଯୋଗ : ମହିଳା କାରିଗରଙ୍କ ଆୟ ଓ ଆତ୍ମନିର୍ଭରତା ବୃଦ୍ଧି ଉପରେ ଗୁରୁତ୍ୱ



ବାରିପଦା : ବାରିପଦାସ୍ଥିତ ବୟନିକା ବିକ୍ରୟ ଷ୍ଟୋର 'ମୟୂର ଶିଳ୍ପ' ପରିସରରେ ଆଜି 'ରାଖି ଷ୍ଟଲ୍-୨୦୨୬' ଉଦ୍‌ଘାଟିତ ହୋଇଛି । ଅତିରିକ୍ତ ଜିଲ୍ଲାପାଳ ମୟୂରଭଞ୍ଜ ଦୁଃଖବନ୍ଧୁ ନାୟକ ଏହି ଷ୍ଟଲ୍‌ର ଉଦ୍‌ଘାଟନ କରିଥିଲେ । ମୟୂରଭଞ୍ଜର ସ୍ଥାନୀୟ କାରିଗର ମାନଙ୍କ ହସ୍ତନିର୍ମିତ ଓ ପରିବେଶ ଅନୁକୂଳ ରାଖିକୁ ବ୍ୟାପକ ବଜାର ସୁଯୋଗ ପ୍ରଦାନ ସହ ମହିଳା କାରିଗର ମାନଙ୍କ ଜୀବିକା ଓ ଆୟ ବୃଦ୍ଧି ଦିଗରେ ଏହା ଏକ ଉଲ୍ଲେଖନୀୟ ପଦକ୍ଷେପ ବୋଲି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାୟକ ପ୍ରକାଶ କରିଛନ୍ତି । ସ୍ଥାନୀୟ ସମ୍ବଳ, ପାରମ୍ପରିକ କାରିଗରୀ ଓ ମହିଳାଙ୍କ ଦକ୍ଷତାକୁ ବଜାର ସହ ଯୋଡ଼ିବା ମାଧ୍ୟମରେ ସେମାନଙ୍କ ଆତ୍ମନିର୍ଭରତା ସୁଦୃଢ଼ ହେବା ସହ ସ୍ଥାନୀୟ ଅର୍ଥନୀତି ମଧ୍ୟ ଅଧିକ ସୁଦୃଢ଼ ହେବ ବୋଲି ସେ ପ୍ରକାଶ କରିଛନ୍ତି । ମୟୂରଭଞ୍ଜ ସବାଇ କୃଷକ ଉତ୍ପାଦନ କମ୍ପାନୀ ଲିମିଟେଡ୍ ଜିଲ୍ଲାର ସ୍ୱୟଂ ସହାୟକ ଗୋଷ୍ଠୀ ଓ ଉତ୍ପାଦକ ଗୋଷ୍ଠୀର ସଦସ୍ୟମାନଙ୍କ ସହଯୋଗରେ ଏହି ରାଖି ତିଆରି କରିଛି । ସାବାଇ, ଡୋକ୍ରା ଓ ବାଉଁଶ ଭଳି ପ୍ରାକୃତିକ ଓ ସ୍ଥାନୀୟ ସାମଗ୍ରୀରେ ନିର୍ମିତ ଏହି ରାଖିଗୁଡ଼ିକ ମୟୂରଭଞ୍ଜର ସମୃଦ୍ଧ କାରିଗରୀ ପରମ୍ପରା, ସୃଜନଶୀଳତା ଓ ସ୍ଥାନୀୟ ସମ୍ବଳର ସୁନ୍ଦର ସମନ୍ୱୟକୁ ପ୍ରତିଫଳିତ କରୁଛି । ଏହାଦ୍ୱାରା ସ୍ଥାନୀୟ କାରିଗରଙ୍କ ଉତ୍ପାଦକୁ ବଜାର ସହ ଯୋଡ଼ିବା, ବିକ୍ରୟ ସୁଯୋଗ ବୃଦ୍ଧି କରିବା ଏବଂ ମହିଳା କାରିଗରମାନଙ୍କୁ ନିଜ ଦକ୍ଷତାର ଉପଯୋଗ କରି ଅତିରିକ୍ତ ଆୟର ସୁଯୋଗ ପ୍ରଦାନ କରିବାର ଲକ୍ଷ୍ୟ ଏହି ପଦକ୍ଷେପ ଦ୍ୱାରା ପୂରଣ କରାଯାଇ ପାରୁଛି । ମୟୂରଭଞ୍ଜର ଏହି ହସ୍ତନିର୍ମିତ ରାଖିର ଚାହିଦା ଜିଲ୍ଲା ସୀମା ଅତିକ୍ରମ କରିଛି । ବାଲେଶ୍ୱର, ସମ୍ବଲପୁର, ଖୋର୍ଦ୍ଧା ଓ ପୁରୀ ଜିଲ୍ଲାର ଓରମାସ୍ ମଧ୍ୟ ମୟୂରଭଞ୍ଜ ଓରମାସ୍ ନିକଟରୁ ଏହି ରାଖି ସଂଗ୍ରହ କରିଛନ୍ତି । ଏହା ମୟୂରଭଞ୍ଜର ରାଖି ପ୍ରସ୍ତୁତକାରୀ କାରିଗର ମାନଙ୍କ ଉଚ୍ଚମାନର କାରିଗରୀ ଦକ୍ଷତା, ସୃଜନଶୀଳତା ଓ ସେମାନଙ୍କ ଉତ୍ପାଦର ବୃଦ୍ଧିଶୀଳ ବଜାର ଚାହିଦାର ପ୍ରମାଣ । ଏହା ମୟୂରଭଞ୍ଜର ସ୍ଥାନୀୟ ହସ୍ତଶିଳ୍ପକୁ ବ୍ୟାପକ ବଜାର ସହ ଯୋଡ଼ିବାରେ ଓରମାସ୍‌ର ପ୍ରୟାସର ସଫଳତାକୁ ମଧ୍ୟ ପ୍ରତିଫଳିତ କରୁଛି । ଏହି ଅବସରରେ ଓଡ଼ିଶା ଗ୍ରାମ୍ୟ ଉନ୍ନୟନ ଓ ବିପଣନ ସମିତି (ଓରମାସ୍)ର ଡେପୁଟି ନିର୍ବାହୀ ଅଧିକାରୀ ଶ୍ରୀମତୀ ଭାଗ୍ୟଲକ୍ଷ୍ମୀ ରାଉତ, ଓଡ଼ିଶା ଜୀବିକା ମିଶନ୍‌ର ଜିଲ୍ଲା ପ୍ରକଳ୍ପ ପରିଚାଳକ ଶ୍ରୀ ନବୀନ କୁମାର ସେନାପତି, ମିଶନ୍ ଶକ୍ତିର ଜିଲ୍ଲା ପ୍ରକଳ୍ପ ସଂଯୋଜକ ଶ୍ରୀ ନିରଞ୍ଜନ ପଣ୍ଡା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ଶ୍ରୀମତୀ ମମତାମୟୀ ବିଶ୍ୱାଳ ଏବଂ ପିଏମ୍ ଲିଭଲିହୁଡ୍‌ର ଶ୍ରୀମତୀ ମଧୁସ୍ମିତା ଭୂୟାଁଙ୍କ ସମେତ ଓରମାସ୍, ମିଶନ୍ ଶକ୍ତି ଓ ସମ୍ପୃକ୍ତ ସଂସ୍ଥାର ଅଧିକାରୀ ଓ କର୍ମଚାରୀ ମାନେ ଉପସ୍ଥିତ ଥିଲେ ।

# ଲାଲବଜାର ରାଜା ପୂଜା କମିଟି ସାଧାରଣ ପରିଷଦ ବୈଠକ : ନୂତନ କର୍ମକର୍ତ୍ତା ଚୟନ



ବାରିପଦା: ବାରିପଦା ସହର ପ୍ରତିଷ୍ଠିତ ପୁରାତନ ଲାଲବଜାର ରାଜା ଗଣେଶ ପୂଜା କମିଟିର ଚଳିତ ବର୍ଷର ପୂଜାକୁ ନେଇ ପ୍ରଥମ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଛି । ଲାଲ ବଜାର ସ୍ଥିତ ମା ତାରିଣୀ ମନ୍ଦିର ପ୍ରାଙ୍ଗଣରେ ନଗରପାଳ କୃଷ୍ଣାନନ୍ଦ ମହାନ୍ତିଙ୍କ ଉପସ୍ଥିତିରେ ବୈଠକ ଅନୁଷ୍ଠିତ ହୋଇଯାଇଛି । ସଦସ୍ୟ ମାନଙ୍କ ଉପସ୍ଥିତିରେ ପୂଜାର ପ୍ରସ୍ତୁତି ବାବଦରେ ଆଲୋଚନା ହୋଇଛି । ଚଳିତ ବର୍ଷ ପୂଜା ୧୮ ବର୍ଷରେ ପଦାର୍ପଣ କରିଥିବା ବେଳେ କିପରି ଏହାକୁ ସରସ ସୁନ୍ଦର କରାଯିବ ସେ ନେଇ ବୈଠକରେ ଆଲୋଚନା ହୋଇଛି । ସେପ୍ଟେମ୍ବର ମାସ ୧୪ ତାରିଖରେ ଗଣେଷ ପୂଜା ଅନୁଷ୍ଠିତ ହେବାକୁ ଥିବା ବେଳେ ମାସକ ପୂର୍ବରୁ ପ୍ରସ୍ତୁତି ନେଇ ବୈଠକ ହୋଇଛି । ଚଳିତ ବର୍ଷ ଗଣେଷ ପୂଜାକୁ ମହାଆଡମ୍ବରରେ ପାଳନ କରାଯିବା ପାଇଁ ପୂଜା କମିଟି ଓ ଉପଦେଷ୍ଟା ମଣ୍ଡଳୀ ସର୍ବସମ୍ମତ କ୍ରମେ ସ୍ଥିରୀକୃତ ହୋଇଛି । ପୂଜା କମିଟିର ସଭାପତି ଭାବେ ଗଣେଶ ଚନ୍ଦ୍ର ଦାସ, କାର୍ଯ୍ୟକାରୀ ସଭାପତି ବୀରେନ୍ଦ୍ର ନାଥ ସାହୁ, ଉପ ସଭାପତି ଭାବେ କାହ୍ନୁ ଚାରଣ ବେହେରା, ସମ୍ପାଦକ ପାର୍ଥ ସାରଥୀ ସ୍ୱାଇଁ, ସହ ସମ୍ପାଦକ ଦୀପକ ପଟ୍ଟନାୟକ ଓ ମୋହନ ଗୁପ୍ତା ଓ କୋଷାଧ୍ୟକ୍ଷ ଅନନ୍ତ ସ୍ୱାଇଁ ସର୍ବ ସମ୍ମତିକ୍ରମେ ଚୟନ ହୋଇଛନ୍ତି । ସେହିପରି ଉପଦେଷ୍ଟା ମଣ୍ଡଳୀରେ ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ବରିଷ୍ଠ ଆଡଭୋକେଟ ବିଭୁ ପ୍ରସାଦ ଦାସ, ଆଡଭୋକେଟ ଜ୍ୟୋତି ପ୍ରକାଶ ରଥ, ତିମିରି କାନ୍ତି ଦାସ, ସରୋଜ ସାହୁ, ବିଭୂତି ଭୂଷଣ ଦାସ, କୌଶିକ ମୁଖାର୍ଜୀ, ରବୀନ୍ଦ୍ର ସ୍ୱାଇଁ, ସମରେନ୍ଦ୍ର ଘୋଷ, ମୋହନ ବୁର୍ଣ୍ଣୱାଲ, ମହେନ୍ଦ୍ର ରାଓ୍ୱତ, ବୃନ୍ଦାବନ ରାଉତ, ବିନୋଦ ଦାସ, ମନୋଜ ଷେଣ୍ଡେ, କିଶୋର ସାହୁ, ଅରବିନ୍ଦ ନନ୍ଦ, ଦିଲ୍ଲୀପ କୁମାର ସାହୁ, ତପନ ବାରିକ ପ୍ରମୁଖ ରହିଛନ୍ତି । ଅନୁଷ୍ଠିତ ବୈଠକରେ ଲାଲବଜାର ରାଜା ପୂଜା କମିଟିର ସଦସ୍ୟ ମାନେ ଉପସ୍ଥିତ ରହି ପୂଜାର ତୋରଣ, ସାଜସଜ୍ଜା ଓ ଆନୁଷଙ୍ଗିକ ବ୍ୟବସ୍ଥା ନେଇ ଆଲୋଚନା କରିଥିଲେ । ସୂଚନା ଥାଉ କି, ବାରିପଦା ସହରର ଅନୁଷ୍ଠିତ ହେଉଥିବା ଗଣେଶ ପୂଜା ମଣ୍ଡପ ମଧ୍ୟରେ ଲାଲବଜାର ମଣ୍ଡପର ବିଶେଷତ୍ୱ ରହିଥାଏ । ଏଠାରେ ପୂଜା ପାଉଥିବା ଗଣେଶଙ୍କ ସୁଉଚ୍ଚ ମୂର୍ତ୍ତିକୁ ଲାଲବଜାର ରାଜା ଭାବେ କହିଥାନ୍ତି । ଏଠାକାର ଘଟ ଉତୋଳନ ଠାରୁ ଆରମ୍ଭ କରି ପୂଜାବିଧି, ପ୍ରସାଦ ବଂଟନ ଓ ବିସର୍ଜନରେ ସତନ୍ତ୍ରତା ରହିଛି ।

# ବନ୍ଦେମାତରମ କବିତା ପାଠୋତ୍ସବ ଆୟୋଜିତ




ବାରିପଦା : ବନ୍ଦେମାତରମର ୧୫୦ତମ ଜନ୍ମବାର୍ଷିକୀ ପାଳନ ଅବସର ରେ ଜିଲ୍ଲାର ଅଗ୍ରଣୀ ସାରସ୍ୱତ ଅନୁଷ୍ଠାନ ମୟୂରଭଞ୍ଜ ସାହିତ୍ୟ ପରିଷଦ ତରଫରୁ ପରିଷଦ ସଭାଗୃହରେ ବନ୍ଦେମାତରମ କବିତା ପାଠୋତ୍ସବ ଆୟୋଜିତ ହୋଇ ଯାଇଛି. ପରିଷଦର ସଭାପତି ପଦ୍ମନାଭ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ କବି ତଥା ସମାଜସେବୀ କବି ବିଷ୍ଣୁ ଶତପଥୀ ମୁଖ୍ୟ ଅତିଥି, ପଣ୍ଡିତ ଭାଗବତ ପଣ୍ଡା ମୁଖ୍ୟବକ୍ତା, ବରିଷ୍ଠ ଶିକ୍ଷାବିତ ବୀଣାପାଣି ପଣ୍ଡା ସମ୍ମାନିତ ଅତିଥି ଭାବରେ ଭାବରେ ଯୋଗଦେଇ ସାହିତ୍ୟ କିଭଳି ଦେଶର ସ୍ୱାଧୀନତା ପ୍ରାପ୍ତିରେ ପ୍ରମୁଖ ଭୂମିକା ନେଇ ପାରେ ତା'ର ପ୍ରକୃଷ୍ଟ ଉଦାହରଣ ବଙ୍କିମ ଚନ୍ଦ୍ରଙ୍କ ବନ୍ଦେମାତରମ କବିତା ବୋଲି ମତ ପ୍ରକାଶ କରିଥିଲେ. ପରିଷଦର ସଂପାଦକ ଇଂ ମନୋଜ ଦଳବେହେରା ସ୍ୱାଗତ ଭାଷଣ ତଥା କାର୍ଯ୍ୟକ୍ରମର ଆଭିମୁଖ୍ୟ ସଂପର୍କରେ ଆଲୋକପାତ କଲା ପରେ କବି ଶଙ୍କର ଜେନା ଓ କବି ଅଶୋକ ପଲେଇଙ୍କ ମିଳିତ ସଂଯୋଜନାରେ ଦେଶାତ୍ମ ବୋଧକ କବିତାପାଠ ଅନୁଷ୍ଠିତ ହୋଇଥିଲା. ଏଥିରେ କବି ନରସିଂହ ବାରିକ, ଅଜୟ କୁମାର ପାଳ, ରଶ୍ମିତା ପାତ୍ର, ସମରେନ୍ଦ୍ର ବଶା, ଜୟନ୍ତ କୁମାର ଦ୍ୱାରୀ, ଭାସ୍ୱତୀ ପଣ୍ଡା, ଅଜିତ ପାଣିଗ୍ରାହୀ, ଗୋପାଳ ଚନ୍ଦ୍ର ସାଓ, ମୀନକେତନ ମହାନ୍ତି, କାବେରୀ ମିଶ୍ର ତଥା ଡ. ଶଶିଧର ବିଶ୍ୱାଳ ପ୍ରମୁଖ ସ୍ୱରଚିତ କବିତାପାଠ କରିଥିଲେ. ନିହାରୀକା ସାହୁ ରାମଧୂନ ଗାନ କରିଥିବା ବେଳେ ବରିଷ୍ଠ ସଦସ୍ୟ କୈବଲ୍ୟ ପ୍ରସାଦ ମହାପାତ୍ର, ଆୟୁଷ ଶତପଥୀ କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ ଏବଂ ସହ ସଂପାଦିକା ବାସନ୍ତୀଲତା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ.

# ଆନନ୍ଦ ଚନ୍ଦ୍ର ସାହୁଙ୍କ ସ୍ମୃତିସଭା

ଭଦ୍ରକ : (ହି.ସ.) -ଏହି ଜିଲାର ବନ୍ତ ବ୍ଲକ କ୍ଷେଣ୍ଟିରା ପଚାଂୟତ ପାରଢୀ ଗ୍ରାମର ଅବସରପ୍ରାପ୍ତ ଶିକ୍ଷାବିତ୍ ଆନନ୍ଦ ଚନ୍ଦ୍ର ସାହୁଙ୍କ ଏକାଦଶାହ ଅବସରରେ ସ୍ମୃତିଚାରଣସଭା ଅନୁଷ୍ଠିତ ହୋଇଛି । ଆୟୋଜିତ ସଭାକୁ ଶିକ୍ଷାବିତ୍ ଜଗନ୍ନାଥ ପାତ୍ର ପୌରହିତ୍ୟ କରିଥିଲେ । କ୍ଷେଣ୍ଟିରା ହାଇସ୍କୁଲର ପୂର୍ବତନ ପ୍ରଧାନଶିକ୍ଷକ ଅନନ୍ତ ଚରଣ ନାୟକ, ସାହିତ୍ୟିକ ନାରାୟଣ ଚନ୍ଦ୍ର ଲେଙ୍କା, ଶିକ୍ଷାବିତ୍ ରମାକାନ୍ତ ଜେନା, ଅନାଦି ଚରଣ ସେନାପତି, ଅଲେଖ ଚନ୍ଦ୍ର ନାୟକ, ଶ୍ରୀକାନ୍ତ ପଣ୍ଡା, ଭାସ୍କର ଚନ୍ଦ୍ର ସେନାପତି, ପ୍ରଭାତ କୁମାର ସେନାପତି, ଡାକ୍ତର ପ୍ରଶାନ୍ତ ଖଟୁଆ, ପୂର୍ବତନ ଶିକ୍ଷକ ସଂଘ ନେତା ରଘୁନାଥ ସାହୁ ବାବାଜୀ ଚରଣ ଦଳେଇ, ରାଧାଶ୍ୟାମ ଖଣ୍ଡେଇ, ଡ. ହରେକୃଷ୍ଣ ସାହୁ, ପୂର୍ବତନ ସରପଚଂ ଶରତ ପଣ୍ଡା, ଭାଗବତ ସାହୁ ପ୍ରମୁଖ ସ୍ୱର୍ଗତ ସାହୁ ଜଣେ ସର୍ବଗୁଣ ସମ୍ପର୍ଣ୍ଣ ଶିକ୍ଷକ ଥିବା ବେଳେ ସେ ଏକାଧାରରେ ଜଣେ ଅଭିନେତା, ଗିତୀକାର, ଚିତ୍ରକର, ହାର୍ମୋନିୟମ ବାଦକ ଭାବେ ବେଶ ପରିଚିତ ଥିଲେ ବୋଲି କହିଥିଲେ । ପ୍ରାରମ୍ଭରେ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇ ନିରବ ପ୍ରାର୍ଥନା କରାଯାଇଥିଲା । କାର୍ଯ୍ୟକ୍ରମକୁ ପରିବାରର ପଦ୍ମନାଭ ସାହୁ, କିଶୋର ଚନ୍ଦ୍ର ସାହୁ, ମଧୁସୂଦନ ସାହୁ, ଉମାକାନ୍ତ ସାହୁ, ସୁଧାକର ସାହୁ, ସ୍ୱାଇଁ ବସନ୍ତ କୁମାର ସାହୁ, ବିଜୟ କେତନ ସାହୁ, ଆଶିଷ କୁମାର ସାହୁ, ବାସନ୍ତୀ ଲତା ସାହୁ, ସୁକାନ୍ତି ସାହୁ, ଭାରତୀ ସାହୁ ସହଯୋଗ କରିଥିଲେ ।

# ବିଶ୍ୱ ଫଟୋଗ୍ରାଫି ଦିବସ ପାଳିତ




ବାରିପଦା : ମୟୁରଭଞ୍ଜ ଫଟୋଗ୍ରାଫର ଓ ଭିଡିଓ ଗ୍ରାଫର ଏସୋସିଏସନ ଦ୍ୱାରା ବିଶ୍ୱ ଫଟୋଗ୍ରାଫି ଦିବସ ପାଳିତ ହୋଇଯାଇଛି. ବାରିପଦା ସ୍ଥିତ ମା ଅମ୍ବିକା ମନ୍ଦିର ପ୍ରାଙ୍ଗଣରୁ ଏକ ମଟର ସାଇକେଲ ଶୋଭା ଯାତ୍ରା ସହର ପରିକ୍ରମା କରିଥିଲା. ଷ୍ଟେସନ ବଜାର ସ୍ଥିତ ବିବାହ ମଣ୍ଡପ ଠାରେ ପ୍ରାୟ ୭୦ରୁ ଉର୍ଦ୍ଧ ଫଟୋଗ୍ରାଫର ଓ ଭିଡିଓ ଗ୍ରାଫରଙ୍କ ଉପସ୍ଥିତିରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡ଼ିଶାର ଚିରପରିଚିତ ବର୍ଷିୟାନ ସିନେ କଳାକାର ଅସିତ ବରଣ ପତି ଯୋଗଦେଇ ଉଦବୋଧନ ଦେଇଥିଲେ. ଏହି ଅବସରରେ ବାରିପଦାର ବାର୍ଷିୟାନ ଫଟୋଗ୍ରାଫର ଅନନ୍ତ କୁମାର ବାଗଙ୍କୁ ମୁଖ୍ୟଅତିଥିଙ୍କ ଦ୍ୱାରା ଉପଢୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା. ମୟୁରଭଞ୍ଜ ଫଟୋଗ୍ରାଫର ଓ ଭିଡିଓ ଗ୍ରାଫର ଏସୋସିଏସନର ସଭାପତି ସଂଜୀବ କୁମାର ଦ୍ୱିବେଦୀ, ସମ୍ପାଦକ ଭବାନୀ ଶଙ୍କର ରାମ, କୋଷାଧକ୍ଷ କୌଶିକ ଭକତ, ଉପ କୋଷାଧକ୍ଷ ଜି. ଜାନକୀ ରାମ ଯୋଗଦେଇ ଫୋଟଗ୍ରାଫର ଏବଂ ଭିଡିଓ ଗ୍ରାଫର ମାନଙ୍କର ବିଭିନ୍ନ ସମସ୍ୟା ବାବଦରେ ଆଲୋଚନା କରି ଆଗାମୀ ଦିନରେ ଏକଜୁଟ ହୋଇ କାମ କରିବାକୁ ପରାମର୍ଶ ଦେଇଥିଲେ. ଅପରାହ୍ନରେ ବାରିପଦାର ରଘୁନାଥ ସ୍ଥିତ ରୋଜମେରୀ ଆବାସିକ ରେ ରହୁଥିବା ମାନସିକ ଅନଗ୍ରସର ପିଲାମାନଙ୍କୁ ବିସ୍କୁଟ ଓ ଚକଲେଟ ବିତରଣ କରାଯାଇଥିଲା.

# ବନ୍ୟା ପ୍ରପୀଡ଼ିତଙ୍କୁ ମାକ୍ରୋୱେଭ୍ ଟେକ୍ନୋଲୋଜି ଓ ଆନନ୍ଦମାର୍ଗର ଶୁଖିଲା ଖାଦ୍ୟ ବଂଟନ

ଭଦ୍ରକ :(ହି.ସ.) - ବନ୍ୟା ପ୍ରପୀଡ଼ିତଙ୍କ ସହାୟତା ପାଇଁ ମାକ୍ରୋୱେଭ୍ ଟେକ୍ନୋଲୋଜି ଓ ଆନନ୍ଦମାର୍ଗ ସୋସିଆଲ୍ ଅର୍ଗାନାଇଜେସନ୍, ଭଦ୍ରକ ଶାଖାର ମିଳିତ ଉଦ୍ୟମରେ ଆଜି ଭଦ୍ରକ ଜିଲ୍ଲାର ରଇପୁର ପଂଚାୟତର ମଉଦପୁର ଏବଂ ଅର୍ଜୁନପୁର ପଂଚାୟତର ବାଲିପାଟଣା ଓ ଜେନାସାହି ଅଂଚଳରେ ଶୁଖିଲା ଖାଦ୍ୟ ବଂଟନ କରାଯାଇଛି । ଏହି ମାନବିକ ଅଭିଯାନରେ ପ୍ରାୟ ୧୫୦ଟି ବନ୍ୟା ପ୍ରଭାବିତ ପରିବାରଙ୍କୁ ଶୁଖିଲା ଖାଦ୍ୟ ସାମଗ୍ରୀ ପ୍ରଦାନ କରାଯାଇଥିଲା । ବନ୍ୟା ପରିସ୍ଥିତିରେ ଅସୁବିଧାରେ ଥିବା ପରିବାରଗୁଡ଼ିକଙ୍କ ନିକଟରେ ଆବଶ୍ୟକ ସହାୟତା ପହଂଚାଇବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ବଂଟନ କାର୍ଯ୍ୟକ୍ରମରେ ମାକ୍ରୋୱେଭ୍ ଟେକ୍ନୋଲୋଜିର ପ୍ରୋଗ୍ରାମ୍ କୋଅର୍ଡିନେଟର ରାଜ କିଶୋର ମହାନ୍ତି, ପ୍ରୋଜେକ୍ଟ କୋଅର୍ଡିନେଟର ନିର୍ମଳ କୁମାର ମାଝୀ, ସିନିୟର ଟେକ୍ନିସିଆନ୍ ଭକ୍ତହରି ସାହୁ, ସିନିୟର ଟେକ୍ନିସିଆନ୍ ସୁନୀଲ କୁମାର ବେହେରା, ଟେକ୍ନିସିଆନ୍ ପ୍ରମୋଦ କୁମାର ପୁହାଣ, ପୂର୍ଣ୍ଣଚନ୍ଦ୍ର ରାଉତ ଓ ବଳରାମ ପାତ୍ର ଯୋଗ ଦେଇ ଥିଲେ । ଏଥିସହ ଆନନ୍ଦମାର୍ଗ ସୋସିଆଲ୍ ଅର୍ଗାନାଇଜେସନ୍, ଭଦ୍ରକ ଶାଖାର ସମ୍ପାଦକ ଶ୍ରୀ ଜଗନ୍ନାଥ ରାୟ ଉପସ୍ଥିତ ରହି ବଂଟନ କାର୍ଯ୍ୟରେ ସହଯୋଗ କରିଥିଲେ । ନଦୀଗାଁର ସମାଜସେବୀ ମାନସ ରଞ୍ଜନ ସାହୁ ଏହି କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ । ବିପଦ ସମୟରେ ପ୍ରଭାବିତ ଲୋକଙ୍କ ପାଖରେ ଠିଆ ହୋଇ ସହାୟତାର ହାତ ବଢ଼ାଇବା ଏବଂ ସମାଜ ପ୍ରତି ନିଜର ଦାୟିତ୍ୱ ତୁଲାଇବା ଦିଗରେ ମାକ୍ରୋୱେଭ୍ ଟେକ୍ନୋଲୋଜି ଓ ଆନନ୍ଦମାର୍ଗର ଏହି ମିଳିତ ପଦକ୍ଷେପକୁ ସ୍ଥାନୀୟ ଅଂଚଳରେ ପ୍ରଶଂସା କରାଯାଇଛି ।

# ନୂଆପଡ଼ାରେ ପର୍ଯ୍ୟଟନ ବିକାଶ ନେଇ ବୈଠକ

ନୂଆପଡ଼ା : (ହି.ସ.)- ନୂଆପଡ଼ା ଜିଲ୍ଲାର ପର୍ଯ୍ୟଟନ ସମ୍ଭାବନାକୁ ବ୍ୟାପକ ଭାବେ ବିକଶିତ କରି ଜିଲ୍ଲାକୁ ଏକ ପ୍ରମୁଖ 'ଟୁରିଜମ୍ ହବ୍' ଭାବେ ପରିଣତ କରିବା ଲକ୍ଷ୍ୟରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ହୋଟେଲ ମାଲିକ ଓ ଟ୍ରାଭେଲ ଏଜେନ୍ସିଗୁଡ଼ିକର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛିକ୍ଷ ବୈଠକରେ ଜିଲ୍ଲାପାଳ ସମସ୍ତଙ୍କୁ ସ୍ୱାଗତ କରି କହିଥିଲେ ଯେ, ନୂଆପଡ଼ାରେ ପ୍ରାକୃତିକ ସୌନ୍ଦର୍ଯ୍ୟ, ଜଙ୍ଗଲ, ଜଳପ୍ରପାତ, ଐତିହ୍ୟ ଓ ସାଂସ୍କୃତିକ ବିବିଧତା ସମେତ ପର୍ଯ୍ୟଟନର ବ୍ୟାପକ ସମ୍ଭାବନା ରହିଛି । ଏହି ସମ୍ଭାବନାକୁ ଏବେ ବ୍ୟବସ୍ଥିତ ଭାବେ ଲୋକଲୋଚନକୁ ଆଣିବାର ସମୟ ଆସିଛି । ପର୍ଯ୍ୟଟନକୁ ଜିଲ୍ଲାର ଏକ ପ୍ରମୁଖ ଶିଳ୍ପ ଭାବେ ବିକଶିତ କରି ରୋଜଗାର ଓ ସ୍ଥାନୀୟ ଅର୍ଥନୀତିକୁ ଗତି ଦେବା ଦିଗରେ ସମନ୍ୱିତ ପଦକ୍ଷେପ ନେବାକୁ ସେ ଆହ୍ୱାନ ଦେଇଥିଲେ । ଜିଲ୍ଲାର ପର୍ଯ୍ୟଟନ ବିକାଶରେ ସମସ୍ତଙ୍କ ସହଯୋଗ ଓ ସହଭାଗିତା ଆବଶ୍ୟକ ବୋଲି ଜିଲ୍ଲାପାଳ କହିବା ସହ ହୋଟେଲ ମାଲିକ ଓ ଟ୍ରାଭେଲ ଏଜେନ୍ସିଗୁଡ଼ିକୁ ଏହି ପ୍ରୟାସରେ ସକ୍ରିୟ ଭାବେ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ । ହୋଟେଲ ମାଲିକମାନଙ୍କ ମଧ୍ୟରେ ସମନ୍ୱୟ ବଢ଼ାଇବା ପାଇଁ ଏକ ସମନ୍ୱିତ ସଂଗଠନ ଗଠନ ଉପରେ ମଧ୍ୟ ଆଲୋଚନା ହୋଇଥିଲା । ନୂଆପଡ଼ାର ସୁନାବେଡ଼ା ଅଭୟାରଣ୍ୟ, ମନୋରମ ପାଟୋରା ଜଳଭଣ୍ଡାର, ଗୋଧାସ ଓ ବେନିଆଧୁସ୍ ଭଳି ଆକର୍ଷଣୀୟ ଜଳପ୍ରପାତ ଏବଂ ବୁଢ଼ୀକୋମନାର ଐତିହାସିକ ପାତାଳେଶ୍ୱର ମନ୍ଦିର ଭଳି ପର୍ଯ୍ୟଟନସ୍ଥଳୀଗୁଡ଼ିକର ବ୍ୟାପକ ପ୍ରଚାର-ପ୍ରସାର ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା । ପର୍ଯ୍ୟଟନସ୍ଥଳୀ, ରହଣି ବ୍ୟବସ୍ଥା, ଯାତାୟାତ ସୁବିଧା ଓ ଅନ୍ୟାନ୍ୟ ଆବଶ୍ୟକୀୟ ତଥ୍ୟକୁ ଏକ ସ୍ଥାନରେ ଉପଲବ୍ଧ କରାଇବା ପାଇଁ ଜିଲ୍ଲାସ୍ତରରେ ଏକ ସ୍ୱତନ୍ତ୍ର ପର୍ଯ୍ୟଟନ ୱେବସାଇଟ୍ ବିକଶିତ କରାଯିବ । ଏହା ମାଧ୍ୟମରେ ନୂଆପଡ଼ାର ପର୍ଯ୍ୟଟନ ସମ୍ପର୍କିତ ସୂଚନା ରାଜ୍ୟ ଓ ଦେଶର ବିଭିନ୍ନ ସ୍ଥାନର ପର୍ଯ୍ୟଟକଙ୍କ ନିକଟରେ ସହଜରେ ପହଂଚିପାରିବ । ବୈଠକରେ ଓଡ଼ିଶା ପର୍ଯ୍ୟଟନ (ସଂଶୋଧନ) ନୀତି, ୨୦୨୬ ଏବଂ ପର୍ଯ୍ୟଟନ କ୍ଷେତ୍ରରେ ନିବେଶ ପାଇଁ ଉପଲବ୍ଧ ପୁଞ୍ଜିନିବେଶ ଅନୁଦାନ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା ହୋଇଥିଲା । ନୂତନ ପର୍ଯ୍ୟଟନ ପ୍ରକଳ୍ପରେ ନିବେଶ ପାଇଁ ଆଗ୍ରହୀ ନିବେଶକମାନେ ସରକାରଙ୍କ ଗୋ ସ୍ୱିଫ୍ଟ ପୋର୍ଟାଲ୍ ମାଧ୍ୟମରେ ଆବେଦନ କରି ନୀତି ଅନୁଯାୟୀ ଉପଲବ୍ଧ ସୁବିଧା ଓ ପ୍ରୋତ୍ସାହନର ଲାଭ ନେଇପାରିବେ ବୋଲି ବୈଠକରେ ସୂଚନା ଦିଆଯାଇଥିଲା । ଓଡ଼ିଶାର ୨୦୨୬ ପର୍ଯ୍ୟଟନ ନୀତିରେ ଯୋଗ୍ୟ ପର୍ଯ୍ୟଟନ ୟୁନିଟ୍ ଗୁଡ଼ିକ ପାଇଁ ପୁଞ୍ଜିନିବେଶ ଅନୁଦାନର ବ୍ୟବସ୍ଥା ରହିଛି । ନୂଆପଡ଼ାର କାରିଗରମାନଙ୍କ ଦକ୍ଷତା ଓ ସୃଜନଶୀଳତାକୁ ପର୍ଯ୍ୟଟନ ସହ ଯୋଡ଼ିବା ଉପରେ ମଧ୍ୟ ଜିଲ୍ଲାପାଳ ଗୁରୁତ୍ୱ ଦେଇଥିଲେ । ନୂଆପଡ଼ାର କାରିଗରମାନେ ବିଶ୍ୱସ୍ତରୀୟ ମାନର କଳାକୃତି ସୃଷ୍ଟି କରୁଥିବା ଉଲ୍ଲେଖ କରି ସେମାନଙ୍କ ଉତ୍ପାଦକୁ ପର୍ଯ୍ୟଟକଙ୍କ ନିକଟରେ ପହଂଚାଇବା ଓ ସ୍ଥାନୀୟ ଅର୍ଥନୀତିକୁ ଏଥିରୁ ଲାଭାନ୍ୱିତ କରିବା ଉପରେ ସେ ଗୁରୁତ୍ୱ ଦେଇଥିଲେ । ଏଥିସହ ଜିଲ୍ଲାରେ ଆଗ୍ରି-ଟୁରିଜମ୍ ର ବିକାଶ ପାଇଁ ମଧ୍ୟ ସମ୍ଭାବନା ରହିଛି ବୋଲି କୁହାଯାଇଥିଲା । ଜିଲ୍ଲାପାଳ ହୋଟେଲ ମାଲିକମାନଙ୍କୁ ସିଙ୍ଗଲ୍-ୟୁଜ୍ ପ୍ଲାଷ୍ଟିକ୍ ମୁକ୍ତ ପରିବେଶ ସୃଷ୍ଟିରେ ସହଯୋଗ କରିବାକୁ ଆହ୍ୱାନ ଦେଇଥିଲେ । ପର୍ଯ୍ୟଟନସ୍ଥଳୀର ସ୍ୱଚ୍ଛତା ଓ ସୌନ୍ଦର୍ଯ୍ୟ ରକ୍ଷାରେ ହୋଟେଲ ଓ ଟ୍ରାଭେଲ ଏଜେନ୍ସିଗୁଡ଼ିକର ସକ୍ରିୟ ଭୂମିକା ରହିବା ଆବଶ୍ୟକ ବୋଲି ସେ କହିଥିଲେ । ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସୁବାସ ଚନ୍ଦ୍ର ରଇତ, ଉପଜିଲ୍ଲାପାଳ ସୁର୍ମି ସୋରେନ୍, ବନଖଣ୍ଡ ଅଧିକାରୀ (ବନ୍ୟପ୍ରାଣୀ) ସମୀର ସାହୁ, ବନଖଣ୍ଡ ଅଧିକାରୀ (ପ୍ରାନ୍ତୀୟ) ଅଜିଜ୍ ଖାନ୍, ଅତିରିକ୍ତ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ କ୍ଷମାନିଧି ଭୋଇ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ରୋଶନ ଜେନା, ଡେପୁଟି କ୍ଷିଲ୍ଲାପାଳ ଶେଖ ନସିମ୍ ଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, ଜିଲ୍ଲାର ହୋଟେଲ ମାଲିକ ଓ ଟ୍ରାଭେଲ ଏଜେନ୍ସି ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

# ଶିକ୍ଷକ ପଦବୀ ପୂରଣ ଦାବିରେ ଅଭିଭାବକଙ୍କ ତାଲା ବନ୍ଦ ଆନ୍ଦୋଳନ

ଚମ୍ପୁଆ : (ହି.ସ.)- ଚମ୍ପୁଆ ବ୍ଲକ ରଜିଆ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ପଦବୀ ପୂରଣ ଦାବୀରେ ଅଭିଭାବକ ମାନେ ତାଲାବନ୍ଦ ଆନ୍ଦୋଳନ କରିଥିବା ଦେଖିବାକୁ ମିଳିଛି । ଉକ୍ତ ବିଦ୍ୟାଳୟରେ ଆବଶ୍ୟକ ସଂଖ୍ୟକ ଶିକ୍ଷକ ନଥିବାରୁ ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । ଏଠାରେ ଶିକ୍ଷକ ପଦବୀ ପୂରଣ ଦାବୀରେ ସ୍କୁଲ ଗେଟରେ ଅଭିଭାବକ ତାଲା ପକାଇଥିବା ଜଣାପଡିଛି । ଚମ୍ପୁଆ ବ୍ଲକ ଦୋଳିତା ସ୍ଥିତ ରଜିଆ ଗ୍ରାମ ପଂଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ ବାହାରେ ଆଜି ତାଲା ପକାଇ ପ୍ରତିବାଦ କରିଛନ୍ତି । ଏହି ବିଦ୍ୟାଳୟରେ ଷଷ୍ଠରୁ ଦଶମ ଶ୍ରେଣୀ ଯାଏଁ ୨୫୯ ଜଣ ଛାତ୍ରଛାତ୍ରୀ ପାଠ ପଢୁଥିବା ବେଳେ ବିଦ୍ୟାଳୟରେ ମାତ୍ର ୪ ଜଣ ଶିକ୍ଷକ ଅଛନ୍ତି । ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀ ପାଇଁ ଜଣେ ହେଲେ ଶିକ୍ଷକ ନିଯୁକ୍ତି ହୋଇନଥିବା ବେଳେ ନବମ ଓ ଦଶମ ଶ୍ରେଣୀ ପାଇଁ ମାତ୍ର ଚାରିଜଣ ଶିକ୍ଷକ ଅଛନ୍ତି । ପିଇଟି ଓ ହିନ୍ଦୀ ଶିକ୍ଷକ ପଦବୀ ଦୀର୍ଘ ଦିନ ଧରି ଖାଲି ପଡ଼ିଛି । ଏହା ସହ ବିଦ୍ୟାଳୟର ଗଣିତ ଶିକ୍ଷକଙ୍କୁ ଦୁଇ ମାସରୁ ଅଧିକ ହେବ ଏସଆଇଆର ଡ୍ୟୁଟି ଦିଆଯାଇଥିବାରୁ ଦୁଇମାସ ହେବ ସେ ସ୍କୁଲ ଆସୁନଥିବାରୁ ଦୁଇ ମାସ ହେବ ସ୍କୁଲରେ ଗଣିତ ପାଠ ପଢା ବନ୍ଦ ରହିଛି । ଆଗକୁ ମେଟ୍ରିକ୍ ପରୀକ୍ଷା ଥିବାବେଳେ ପାଠ ପଢ଼ା ହେଇ ପାରୁନାହିଁ । ଏହାକୁ ନେଇ ଅଭିଭାବକ ଅନେକ ଥର ଶିକ୍ଷା ବିଭାଗ, ଚମ୍ପୁଆ ଉପଜିଲ୍ଲାପାଳଙ୍କୁ ଜଣାଇଥିଲେ ସୁଦ୍ଧା କେହି ଗୁରୁତ୍ୱ ଦେଉନଥିବାରୁ ବିଦ୍ୟାଳୟରେ ଚାବି ପକାଇଛନ୍ତି ଅଭିଭାବକ । ଫଳରେ ଛାତ୍ରଛାତ୍ରୀ ଓ ଶିକ୍ଷକ ବାହାରେ ରହିଥିବାରୁ ପାଠ ପଢା ବନ୍ଦ ରହିଥିଲା । ତୁରନ୍ତ ଏ ଦିଗରେ ରାଜ୍ୟ ସରକାର ଓ ଜିଲା ପ୍ରଶାସନ ଦୃଷ୍ଟିଦେଇ ବିଦ୍ୟାଳୟର ଶିକ୍ଷକ ସଂଖ୍ୟା ବୃଦ୍ଧି ଓ ମାଧ୍ୟମିକ ଶିକ୍ଷକ ନିଯୁକ୍ତି ଦେବାକୁ ଦାବୀ କରିଛନ୍ତି ।

# ବନ୍ୟା ବିପନ୍ନଙ୍କ ନିକଟରେ ପଂହଚିଲା ପ୍ରମୋଦ ପତି ଫାଉଣ୍ଡେସନ

ଧର୍ମଶାଳା : (ହି.ସ.) - ବ୍ରାହ୍ମଣୀ ନଦୀରେ ଘାଇ ସୃଷ୍ଟି ହେବା ଫଳରେ ଯାଜପୁର ଜିଲା ରସୁଲପୁର ଓ ଯାଜପୁର ବ୍ଲକର ବହୁ ପଂଚାୟତର ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି । ବିଶେଷ କରି ୫ ଦିନ ହେବ ବନ୍ୟ ଜଳ ଜମି ରହିବା ଫଳରେ ଲୋକେ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଛନ୍ତି । ଏହାକୁ ଦୃଷ୍ଟରେ ରଖି ଯାଜପୁର ଜିଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ 'ପ୍ରମୋଦ ପତି ଫାଉଣ୍ଡେସନ' ବନ୍ୟା ବିପନ୍ନଙ୍କ ନିକଟରେ ପଂହଚି ଅତ୍ୟାବଶ୍ୟକୀୟ ସାମଗ୍ରୀ ଯୋଗାଇ ଦିଆଯାଇଛି ।

# ପବିତ୍ର ଶ୍ରାବଣରେ ଦୁଇ ବେସାହାରା ଭିକ୍ଷୁକଙ୍କ ଶେଷ ସାହାରା ସାଜିଲା ବଲାଙ୍ଗିର ସ୍ୱେଚ୍ଛାସେବୀ ସଂଗଠନ

ବଲାଙ୍ଗିର : (ହି.ସ.)- ଜୀବନ ଥିବା ଯାଏଁ ସେମାନେ ଥିଲେ ଅପରିଚିତ, ଅଲୋଡ଼ା ଆଉ ବେସାହାରା । ଦୁଆର ଦୁଆର ବୁଲି ଭିକ୍ଷା ଥାଳିରେ ପେଟର ଭୋକ ମେଂଟାଉଥିବା ସେହି ନିଃସହାୟ ମଣିଷ ଦୁଇଜଣଙ୍କ ପାଇଁ ଶେଷରେ ମାନବିକତାର କାନ୍ଧ ଯୋଗାଇ ଦେଇଛି ବଲାଙ୍ଗିର ସ୍ୱେଚ୍ଛାସେବୀ ସଂଗଠନ । ପବିତ୍ର ଶ୍ରାବଣ ମାସର ପୂଣ୍ୟ ତିଥିରେ ଦୁଇ ଦୁଇଟି ଅଜଣା ଭିକ୍ଷୁକଙ୍କ ଶବକୁ ଆପଣାର କରି ସସମ୍ମାନେ ଅନ୍ତିମ ସଂସ୍କାର ସମ୍ପନ୍ନ କରି ଏକ ବିରଳ ମାନବୀୟ ବାର୍ତ୍ତା ବାଂଟି ପାରିଛି ବଲାଙ୍ଗିର ସ୍ୱେଚ୍ଛାସେବୀ ସଂଗଠନ । ପ୍ରାପ୍ତ ସୂଚନା ଅନୁଯାୟୀ, ପୁଇନ୍ତଲା ଥାନା ଅନ୍ତର୍ଗତ ଭାଲେର ଗ୍ରାମରେ ଜଣେ ଅଜଣା ବ୍ୟକ୍ତି ଭିକ୍ଷାବୃତି କରି ଗୁଜୁରାଣ ମେଂଟାଉଥିଲେ । ହଠାତ୍ ଗ୍ରାମର ଜଣଙ୍କ ଘର ବାରଣ୍ଡାରେ ସେ ଅଚେତ ଅବସ୍ଥାରେ ପଡ଼ିରହିଥିବା ବେଳେ ପୁଇନ୍ତଲା ପୋଲିସ ତାଙ୍କୁ ଉଦ୍ଧାର କରି ବଲାଙ୍ଗିର ଭୀମ ଭୋଇ ମେଡିକାଲ କଲେଜ ଓ ହସ୍ପିଟାଲରେ ଭର୍ତ୍ତି କରିଥିଲା । ସେହିପରି ଅନ୍ୟ ଜଣେ ଭିକ୍ଷୁକ ବଲାଙ୍ଗିର ସହରର ବିଭିନ୍ନ ସ୍ଥାନରେ ଭିକ ମାଗି ଚଳୁଥିବା ବେଳେ ଗୁରୁତର ଅସୁସ୍ଥ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ । ଦୁର୍ଭାଗ୍ୟବଶତଃ ଚିକିତ୍ସାଧୀନ ଅବସ୍ଥାରେ ଉଭୟଙ୍କ ମୃତ୍ୟୁ ଘଟିଥିଲା । ଉଭୟ ଥାନା ପୋଲିସର ଉପସ୍ଥିତିରେ ଶବ ବ୍ୟବଚ୍ଛେଦ କରାଯାଇ ପରିଚୟ ସନ୍ଧାନ ନିମନ୍ତେ ମେଡିକାଲ ଶବ ସଂରକ୍ଷଣ ଗୃହରେ ନିୟମାନୁଯାୟୀ ୭୨ ଘଂଟା ସଂରକ୍ଷିତ ରଖାଯାଇଥିଲା । ମାତ୍ର କୌଣସି ଆତ୍ମୀୟ ସ୍ୱଜନ ସେମାନଙ୍କୁ ଚିହ୍ନଟ କରିବାକୁ କିମ୍ବା ଶବ ନେବାକୁ ଆଗେଇ ଆସିନଥିଲେ । ଶେଷରେ ଆଦର୍ଶ ଟାଉନ୍ ଥାନା ଓ ପୁଇନ୍ତଲା ଥାନା ପୋଲିସର ଉପସ୍ଥିତିରେ ବଲାଙ୍ଗିର ସ୍ୱେଚ୍ଛାସେବୀ ସଂଗଠନ ଏହି ଦୁଇ ଅଜଣା ମୃତକଙ୍କ ଅନ୍ତିମ ଦାୟିତ୍ୱ ନିଜ କାନ୍ଧକୁ ନେଇଥିଲା । ସଂଗଠନ ସଦସ୍ୟମାନେ ମେଡିକାଲ ଶବଗୃହରୁ ଉଭୟ ମରଶରୀରକୁ ସ୍ୱର୍ଗ ରଥ ଯୋଗେ ବିଭୂତିପଡ଼ା ସ୍ଥିତ ଶ୍ମଶାନ ଘାଟକୁ ନେଇଥିଲେ । ସେଠାରେ ସମ୍ମାନର ସହ ଦାହ ସଂସ୍କାର ସମ୍ପନ୍ନ କରାଯାଇଥିଲା । ଏହି କାର୍ଯ୍ୟରେ ସଂଗଠନର ଗୋବିନ୍ଦ ଚନ୍ଦ୍ର ଶତପଥୀ, ସନ୍ତୋଷ ପଟ୍ଟନାୟକ, ରବୀନ୍ଦ୍ର ପ୍ରଧାନ, ଅଙ୍କିତ ସାହୁ, ଉତମ ନନ୍ଦ, ସୀମାଂଚଳ ସୁନା, ପ୍ରଦୀପ ଯୁଏଡ ଓ ସୁମିତ୍ ମିଶ୍ର ପ୍ରମୁଖ ଉପସ୍ଥିତ ରହି ଶେଷ ଯାତ୍ରାର ସମସ୍ତ ବିଧି ସମ୍ପାଦନ କରିଥିଲେ ।

## ବନ୍ୟା ବିପନ୍ନଙ୍କ ପାଇଁ ଆଶ୍ରା ପାଲଟିଲେ ସ୍ୱେଚ୍ଛାସେବୀ : ଶୁଖିଲା ଖାଦ୍ୟ ବଂଟନ



ଧାମନଗର(ନିପ୍ର) : ଧାମନଗର ବ୍ଲକରେ ଲଗାତାର ବନ୍ୟା ଯୋଗୁଁ ବ୍ୟାପକ କ୍ଷୟକ୍ଷତି ଘଟିଛି । ବନ୍ୟାର ପ୍ରକୋପରେ ଅଂଚଳର ଧନଜୀବନ, ରାସ୍ତାଘାଟ ଏବଂ ହଜାର ହଜାର ଏକର ଚାଷ ଜମି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି । ସରକାରଙ୍କ ପକ୍ଷରୁ ବିଭିନ୍ନ ସ୍ଥାନରେ ସହାୟତା ପ୍ରଦାନ କରାଯାଉଥିବା ବେଳେ, ଏହି ଦୁର୍ଦ୍ଦିନରେ ବନ୍ୟାଗ୍ରସ୍ତ ମାନଙ୍କ ପାଇଁ ପ୍ରକୃତ ବନ୍ଧୁ ସାଜିଛନ୍ତି ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ଓ ସମାଜସେବୀ । ଶୁକ୍ରବାର ଦିନ ଧାମନଗର ବ୍ଲକ ଅନ୍ତର୍ଗତ ଅର୍ଜୁନପୁର ପଂଚାୟତରେ ଏଭଳି ଏକ ମାନବିକତାର କାର୍ଯ୍ୟ ଦେଖିବାକୁ ମିଳିଛି । ଭଦ୍ରକର ଜଣାଶୁଣା 'ତାରିଣୀ କ୍ଲିନିକ୍' ର ମାଲିକ ସମାଜସେବୀ ଭଗବାନ ରାଉଳ ବନ୍ୟା ବିପନ୍ନଙ୍କୁ ସହଯୋଗର ହାତ ବଢ଼ାଇଛନ୍ତି । ପଂଚାୟତର ବିଭିନ୍ନ ଗ୍ରାମରେ ବନ୍ୟା ଯୋଗୁଁ ପ୍ରଭାବିତ ହୋଇଥିବା ପ୍ରାୟ ୩ ଶହରୁ ଅଧିକ ଅସହାୟ ପରିବାରକୁ ଶୁଖିଲା ଖାଦ୍ୟ ସାମଗ୍ରୀ ପ୍ରଦାନ କରାଯାଇଛି ।ଏହି ରିଲିଫ୍ ବ[ନ କାର୍ଯ୍ୟକ୍ରମରେ ସ୍ଥାନୀୟ ଅଂଚଳର ବହୁ ଯୁବ ସମାଜସେବୀ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ । ଧର୍ମେନ୍ଦ୍ର ନାୟକ, ଉମେଶ ମହାନ୍ତି, ଅକ୍ଷୟ ନାୟକ, ତପନ ରାଉତ ଏବଂ ଲକ୍ଷ୍ମୀଧର ମାଝୀ ପ୍ରମୁଖ ଉପସ୍ଥିତ ରହି ଲୋକଙ୍କୁ ଶୁଖିଲା ଖାଦ୍ୟ ବ[ନ କରିବାରେ ପୂର୍ଣ୍ଣ ସହଯୋଗ କରିଥିଲେ । ବନ୍ୟା ଦ୍ୱାରା ସର୍ବସ୍ୱାନ୍ତ ହୋଇଥିବା ଲୋକମାନେ ଏହି ବିପର୍ଯ୍ୟୟ ସମୟରେ ଏଭଳି ସାହାଯ୍ୟ ପାଇବା ପରେ ସ୍ୱେଚ୍ଛାସେବୀ ମାନଙ୍କୁ କୃତଜ୍ଞତା ଜଣାଇଛନ୍ତି । ସରକାରୀ ସହାୟତା ସହିତ ଏଭଳି ବେସରକାରୀ ସହଯୋଗ ବନ୍ୟାଂଚଳର ଲୋକଙ୍କୁ ବହୁ ପରିମାଣରେ ଆଶ୍ୱସ୍ତି ପ୍ରଦାନ କରିଛି ।

# ଜିଲ୍ଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ




ଖୋର୍ଦ୍ଧା(ନିପ୍ର) : ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଜୟୀ ରାଜଗୁରୁ ସମ୍ମିଳନୀ କକ୍ଷରେ ଜିଲ୍ଲା ସାମାଜ କଲ୍ୟାଣ ବିଭାଗ ଆନୁକୂଲ୍ୟରେ କାର୍ଯ୍ୟ କ୍ଷେତ୍ରରେ ମହିଳା ମାନଙ୍କ ଯୌନ ନିର୍ଯ୍ୟାତନା (ନିବାରଣ, ପ୍ରତିଷେଧ ଏବଂ ପ୍ରତିକାର) ଅଧିନିୟମ ୨୦୧୩ ଜନିତ ଜିଲ୍ଲା ସ୍ତରୀୟ କର୍ମଶାଳା ଅତିରିକ୍ତ ଜିଲ୍ଲାପାଳ, ସାଧାରଣ ପ୍ରତାପ ଚନ୍ଦ୍ର ବେଉରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇ ଯାଇଅଛି । ଉକ୍ତ କର୍ମଶାଳାରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ କୁସୁମ କୁମାରୀ ପ୍ରହରାଜ, ଅତିଥି ବିଷୟ ବିଶେଷଜ୍ଞ କସ୍ତୁରୀ ମହାପାତ୍ର, ଆଭ୍ୟନ୍ତରୀଣ କମିଟି ଅଧକ୍ଷା ନିବେଦିତା ପରିଡ଼ା, ଆଂଚଳିକ କମିଟି ଅଧକ୍ଷା ମଞ୍ଜୁ ପ୍ରଭା ଧଳ ପ୍ରମୁଖ ଯୋଗ ଦେଇ କାର୍ଯ୍ୟ କ୍ଷେତ୍ରରେ ମହିଳା ମାନଙ୍କ ଯୌନ ନିର୍ଯ୍ୟାତନା ନିବାରଣ ପ୍ରତିଷେଧ ଏବଂ ଆଭ୍ୟନ୍ତରୀଣ କମିଟି ଓ ଆଂଚଳିକ କମିଟିର କାର୍ଯ୍ୟଧାରା ସମ୍ପର୍କରେ ବିଶଦ ଭାବେ ତାଲିମ୍ ପ୍ରଦାନ କରିଥିଲେ । ବୈଠକରେ ଅଧକ୍ଷ ଏଭଳି ଅଭିଯୋଗ ଗୁଡ଼ିକର ଚିହ୍ନଟ, ଯାଂଚ, ଶୁଣାଣି ଓ ସମାଧାନ ଓଡ଼ିଶା ସରକାର ଙ୍କ ସେବା ଅଧିନିୟମ ଓ ସାମ୍ବିଧାନିକ ସେବା ୨୦୧୩ ଅଧିନିୟମ ଅନୁଯାୟୀ ସମାଧାନ ଦିଗରେ ଗୁରୁତ୍ୱାରୋପ କରିଥିଲେ । ପ୍ରତ୍ୟେକ ମଣିଷ ଆତ୍ମ ସମ୍ମାନର ସହ ବଂଚିବାର ସାମ୍ବିଧାନିକ ଅଧିକାର ପ୍ରଦାନ କରିଛି । ସମୟ ସହିତ ଆମେ ସମସ୍ତେ ଚାଲିବା ସହ ଆଇନକୁ ମାନିବା ଆମ ସମସ୍ତଙ୍କ ଦାୟିତ୍ୱ ସହ ମୋ ଘର ଯେମିତି ସେମିତି ମୋ ଅଫିସକୁ ମଧ ସମ୍ମାନ ଦେଇ ସେବାକରିବା ଆମ ସମସ୍ତଙ୍କ ପ୍ରମୁଖ ଦାୟିତ୍ୱ ବୋଲି ଅତିଥି ବିଶେଷଜ୍ଞ କସ୍ତୁରୀ ମହାପାତ୍ର ପ୍ରକାଶ କରିଥିଲେ । ଏଥି ସହ ପ୍ରତ୍ୟେକ କାର୍ଯ୍ୟାଳୟ ମହିଳା ମାନଙ୍କ ସୁରକ୍ଷା ପାଇଁ ନିଜ କାର୍ଯ୍ୟାଳୟରେ କମିଟି ଗଠନ କରିବା, ଏଭଳି ସ୍ୱର୍ଶ କାତର ଅଭିଯୋଗ ଆସିଲେ ତୁରନ୍ତ ପଦକ୍ଷେପ ନେବାକୁ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ ପ୍ରତାପ ଚନ୍ଦ୍ର ବେଉରା ନିର୍ଦ୍ଦେଶ ଦେଇଥିଲେ । ବିଷୟ ବିଶାରଦ ମାନେ ଅଧିନିୟମ ୨୦୧୩ ର ବିଭିନ୍ନ ଦିଗ ଉପରେ ଆଭ୍ୟନ୍ତରୀଣ କମିଟି, ଆଂଚଳିକ କମିଟି, ପୁଲିସ ସେବା, ଜିଲ୍ଲା ପ୍ରଶାସନ ସେବା ବିଭିନ୍ନ ଦିଗ ଉପରେ ପୁଙ୍ଖାନୁପୁଙ୍ଖ ତାଲିମ୍ ପ୍ରଦାନ କରିବା ସହ ଅଧିକାରୀ ମାନଙ୍କ ପ୍ରଶ୍ନର ଉତର ମଧ ପ୍ରଦାନ କରିଥିଲେ କ୍ଷ ବୈଠକରେ ଡେପୁଟୀ କଲେକ୍ଟର, ସଂଗ୍ରାମ ଜେନା, ଅନନ୍ୟା ସୃଷ୍ଟି ଶତପଥୀ, ଶ୍ରିତପା ମିଶ୍ର, ସାରା ମଲ୍ଲିକ, ସୌମ୍ୟା ସାଗାରିକା ସ୍ୱାଇଁ, ଆସିଷ୍ଟାଂଟ କଲେକ୍ଟର ଭୁବନେଶ୍ୱରୀ କଅଁର, ଇସ୍ମିତା ସାହୁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା ଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ମାନେ ଯୋଗ ଦେଇଥିଲେ । ଶେଷରେ କାର୍ଯ୍ୟକ୍ରମ ଅଧିକାରୀ ସୌଦାମିନୀ ଦାଶ ଧନ୍ୟବାଦ ପ୍ରଦାନ କରିଥିଲେ ।

# ଅନନ୍ତ ଡିଏଭିର ପ୍ରତିଷ୍ଠା ଦିବସ ପାଳିତ



ତାଳଚେର(ନିପ୍ର) : ମହାନଦୀ କୋଲ୍ ଫିଲ୍ଡ,ଜଗନ୍ନାଥ କ୍ଷେତ୍ର ଅନ୍ତର୍ଗତ ଡିଏଭି ପବ୍ଲିକ୍ ସ୍କୁଲ, ଅନନ୍ତ ବିହାର ପରିସରରେ ବିଦ୍ୟାଳୟର ୨୯ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଉକ୍ତ ଉତ୍ସବରେ ଏମ୍.ସି.ଏଲ. ଜଗନ୍ନାଥ କ୍ଷେତ୍ରର ମହା ପ୍ରବନ୍ଧକ ଅଜୟ କୁମାର ସିଂହ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଆୟୋଜିତ ଉତ୍ସବର ଶୁଭ ଉଦ୍ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ଜଗନ୍ନାଥ କ୍ଷେତ୍ରର ମହାପ୍ରବନ୍ଧକ(ମାଇନିଂ) ତଥା ଆନନ୍ତ ଓ.ସି ପି.ର ପ୍ରକଳ୍ପ ଅଧିକାରୀ ଯଶୋବନ୍ତ ପଟ୍ଟନାୟକ ଯୋଗଦାନ କରିଥିଲେ । ଅନ୍ୟତମ ଅତିଥି ଭାବେ ଡିଏଭି ପବ୍ଲିକ ସ୍କୁଲ, ଅନନ୍ତ ବିହାରର ପରିଚାଳକ ତଥା ସହକାରୀ ଆଂଚଳିକ ଅଧିକାରୀ ପ୍ରଶାନ୍ତ କୁମାର ପଣ୍ଡା, ଆଂଚଳିକ ସହ ଅଧିକାରିଣୀ ଜ୍ୟୋତି ମିଶ୍ର, ଅନନ୍ୟା ମହିଳା ମଣ୍ଡଳର ସଭାନେତ୍ରୀ ମନିଷା ସିଂହ, ଜଗନ୍ନାଥ କ୍ଷେତ୍ରର ମହାପ୍ରବନ୍ଧକ(ଫାଇନାନ୍ସ) ପି.କେ.ସାହୁ, ମହାପ୍ରବନ୍ଧକ/ଷ୍ଟାଫ୍ ଅଫିସର(ଏମ୍.ଏମ୍.) ପ୍ରଦୀପ କୁମାର ସାହୁ, ଏ.ଏଚ୍.ଆର. ଏମ୍. ଦୀପ୍ତିରାଣୀ ସାହୁ,ଏସ୍.ଓ. (ସିଭିଲ୍) ମାଣିକ୍ ଗର୍ଗ , ଅନନ୍ୟା ମହିଳା ମଣ୍ଡଳର ସଭ୍ୟା ସସ୍ମିତା ସାହୁ , ମିନତୀ ଦାସ, ଡିଏଭି ପବ୍ଲିକ୍ ସ୍କୁଲ ଜଗନ୍ନାଥ କ୍ଷେତ୍ରର ଅଧକ୍ଷା ଶୁକ୍ଲା ଚକ୍ରବର୍ତୀ, ଡିଏଭି ପବ୍ଲିକ ସ୍କୁଲ, ଏନ୍.ଟି.ପି.ସି./ଟି.ଟି.ପି.ଏସ୍.ର ଅଧକ୍ଷା ବିନୋଦିନୀ ଦାଶ, ଅନନ୍ୟା ମହିଳା ମଣ୍ଡଳ ସଂପାଦିକା ଇପାଲି ଅପରାଜିତା ଦାଶ, ଲିଙ୍ଗରାଜ ଡିଏଭିର ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା ପୃଷ୍ଟି, ଡିଏଭି ସାବିତ୍ରୀ ଜିନ୍ଦଲର ପ୍ରଧାନ ଶିକ୍ଷକ ଫକୀରମୋହନ ସାହୁ,ଡିଏଭି ଟି.ଟି.ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସଙ୍ଗୀତା ପଟ୍ଟନାୟକ, ବିଭିନ୍ନ ଶ୍ରମିକ ସଂଗଠନରୁ ନେତୃମଣ୍ଡଳୀ ଯୋଗଦାନ କରିଥିଲେ । ପ୍ରାରମ୍ଭରେ ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା । ଉତ୍ସବ ପାଇଁ ଛାତ୍ରଛାତ୍ରୀଙ୍କ ଦ୍ୱାରା ନୃତ୍ୟ ଓ ସଙ୍ଗୀତର ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବିଦ୍ୟାଳୟର ଅଧକ୍ଷ ଶୁଭେନ୍ଦୁ ଶେଖର ବୋଷ୍ ପ୍ରାରମ୍ଭିକ ଅଭିଭାଷଣ ସଙ୍ଗେ ସଙ୍ଗେ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ ।ମୁଖ୍ୟ ଅତିଥିଙ୍କ ବକ୍ତବ୍ୟରେ ଶିକ୍ଷକଶିକ୍ଷୟିତ୍ରୀଙ୍କ ପ୍ରଚେଷ୍ଟାରେ ଏହି ଅନୁଷ୍ଠାନ ସମଗ୍ର ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଛି ବୋଲି ଖୁସି ବ୍ୟକ୍ତ କରିଥିଲେ ।ବର୍ଷ ତମାମ ବିଦ୍ୟାଳୟରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ସଫଳତା ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପ୍ରମାଣ ପତ୍ର ସହିତ ପୁରସ୍କୃତ କରିଥିଲେ ।

# ଭିଜିଲାନ୍ସ ଜାଲରେ ସବ୍-ରେଜିଷ୍ଟ୍ରାର

କଟକ(ନିପ୍ର) : ସୁନ୍ଦରଗଡଜିଲ୍ଲାର ଲାଠିକଟାସ୍ଥିତ ତହସିଲଦାର-କମ-ସବ-ରେଜିଷ୍ଟ୍ରାର, ମୁରଲୀଧର ଉର୍ମାଲଙ୍କୁ ଓଏଏସ୍, ଏକ ସନ୍ଦେହଜନକ ମାମଲାରେ ଓଡ଼ିଶା ଭିଜିଲାନ୍ସ ଦ୍ୱାରା ଗିରଫ କରାଯାଇଥିଲା ଏବଂ ମାନ୍ୟବର ସ୍ୱତନ୍ତ୍ର ବିଚାରପତି, ଭିଜିଲାନ୍ସ, ସୁନ୍ଦରଗଡ଼ଙ୍କ ନିକଟକୁ ପଠାଯାଇଥିଲା । ଏହି ସମ୍ପର୍କରେ, ରାଉରକେଲା ଭିଜିଲାନ୍ସ ପିଏସ୍ ମାମଲା ନଂ.୯ ତାରିଖ ୨୦.୦୮.୨୬ ଦୁର୍ନୀତି ନିବାରଣ (ସଂଶୋଧନ) ଆଇନ, ୨୦୧୮ ର ଧାରା ୧୩(୨) ଆର୍ / ଡବ୍ଲୁ ୧୩(୧)(ବି) ଅନ୍ତର୍ଗତ ଲାଠିକଟାର ତହସିଲଦାର-କମ-ସବ-ରେଜିଷ୍ଟ୍ରାର, ମୁରଲୀଧର ଉର୍ମାଲଙ୍କ ବିରୁଦ୍ଧରେ ପଞ୍ଜିକୃତ ହୋଇଛି । ଗତକାଲି, ଶ୍ରୀ ଉର୍ମାଲଙ୍କୁ ଲାଠିକଟାର ରାଜାବସା ଛକ ନିକଟରେ ଓଡ଼ିଶା ଭିଜିଲାନ୍ସର ଏକ ଦଳ ଦ୍ୱାରା ଅଟକାଯାଇଥିଲା, ଯେତେବେଳେ ଶ୍ରୀ ଉର୍ମାଲ ତାଙ୍କ ଭଡାଟିଆ କାର୍ଯ୍ୟାଳୟ ସ୍କୋର୍ପିଓ ଗାଡ଼ିରେ ନଂ.ଓଡ଼ି - ୧୪ ଏ ଏଲ୍ - ୧୩୨୭ ରେଜିଷ୍ଟର୍ଡ ହୋଇ ଲାଠିକଟାସ୍ଥିତ ତାଙ୍କ କାର୍ଯ୍ୟାଳୟରୁ ରାଉରକେଲାସ୍ଥିତ ତାଙ୍କ ବାସଭବନକୁ ଯାଉଥିଲେ । ଅଟକାଯିବା ସମୟରେ, ଶ୍ରୀ ଉର୍ମାଲଙ୍କ ନିକଟରୁ ସନ୍ଦେହଜନକ ଭାବରେ ବେଆଇନ ଭାବରେ ଅର୍ଜିତ ୫ ଲକ୍ଷ ଟଙ୍କା ମିଳିଥିଲା, ଯାହା ସେ ସନ୍ତୋଷଜନକ ଭାବରେ ହିସାବ କରିପାରିଲେ ନାହିଁ । ଉପରୋକ୍ତ ପରିମାଣର ଟଙ୍କା ଏବଂ ଗାଡ଼ି ଜବତ କରାଯାଇଥିଲା । ବାଧାପ୍ରାପ୍ତ ହେବା ପରେ, ରାଉରକେଲାର ଇ-୪୩, ସିଭିଲ୍ ଟାଉନସିପ୍ ସ୍ଥିତ ଶ୍ରୀ ଉର୍ମାଲଙ୍କ ଆବାସିକ କୋଠାରେ, ତାଙ୍କ ଜନ୍ମସ୍ଥାନ ଗ୍ରାମ-କରମଡିହି, ପିଏସ୍-ସୁନ୍ଦରଗଡ଼ ସଦର, ଜିଲ୍ଲା-ସୁନ୍ଦରଗଡ଼ସ୍ଥିତ ଘର ଏବଂ ଲାଠିକଟା ତହସିଲରେ ତାଙ୍କ କାର୍ଯ୍ୟାଳୟ ଚାମ୍ବରରେ ଏକକାଳୀନ ତଲାସି କରାଯାଇଥିଲା । ଘର ତଲାସି ସମୟରେ, ସ୍ଥାବର ଏବଂ ଅସ୍ଥାବର ସାମଗ୍ରୀ ଜବତ କରାଯାଇଥିଲା । ଲାଠିକଟାର ତହସିଲଦାର-କମ-ସବ-ରେଜିଷ୍ଟ୍ରାର ମୁରଲୀଧର ଉର୍ମାଲ ଏବଂ ତାଙ୍କ ପରିବାର ସଦସ୍ୟଙ୍କ ନାମରେ ଥିବା ସମ୍ପତି ଖୋଲାଯାଇଥିଲା । ସୁନ୍ଦରଗଡ଼ ଏବଂ ରାଉରକେଲାରେ ଘର ତଲାସୀ ସମୟରେ ୫.୮୩ ଲକ୍ଷ ଟଙ୍କା ନଗଦ ମିଳିଥିଲା । ମୋଟ ୧୦.୮୩ ଲକ୍ଷ ଟଙ୍କା ଜବତ ହୋଇଛି । ସୁନା ଅଳଙ୍କାର ୬୦୬ ଗ୍ରାମ ଏବଂ ରୂପା ଅଳଙ୍କାର ୬୩୫ ଗ୍ରାମ ।ବ୍ୟାଙ୍କ, ଡାକ ଏବଂ ବୀମା ଜମା ୭୫.୩୧ ଲକ୍ଷ ଟଙ୍କା । ସୁନ୍ଦରଗଡ଼ର କର୍ମଡିହିରେ ଅବସ୍ଥିତ ପ୍ରାୟ ୩୭୦୦ ବର୍ଗଫୁଟ କ୍ଷେତ୍ରଫଳ ସହିତ ଗୋଟିଏ ଦୁଇ ମହଲା କୋଠା । ସୁନ୍ଦରଗଡ଼ ସହର ବାହାର ଅଂଚଳରେ ୬ଟି ଉଚ୍ଚ ମୂଲ୍ୟର ପ୍ଲଟ୍ ।ଗୋଟିଏ ଚାରି ଚକିଆ ଗାଡ଼ି ଏବଂ ୩ଟି ଦୁଇ ଚକିଆ ଗାଡ଼ି ଠାବ କରାଯାଇଛି ଏବଂ ମାମଲାର ତଦନ୍ତ ଜାରି ରହିଛି ।

## ଦାମୋଦର ସଂସ୍କୃତ ମହାବିଦ୍ୟାଳୟରେ 'ଶକ୍ତିଶ୍ରୀ' ଆଇନ ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ(ନିପ୍ର) : ପୁରୁଣାବଜାରସ୍ଥିତ ଦାମୋଦର ସଂସ୍କୃତ ମହାବିଦ୍ୟାଳୟ 'ଶକ୍ତିଶ୍ରୀ' କାର୍ଯ୍ୟଶାଳାର ପୋକ୍ସ୍ ଆଇନ୍ ସଚେତନତା କାର୍ଯ୍ୟକ୍ରମ ମହାବିଦ୍ୟାଳୟର ଅଧକ୍ଷ ଡ଼ଃ ନିତ୍ୟାନନ୍ଦ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଆଇନ୍‌ଜୀବୀ ତଥା ଶିକ୍ଷାବିତ୍ ଡଃ ରାଧାରାଣୀ ମହାପାତ୍ର ଯୋଗଦେଇ ଆଇନ୍ ସଚେତନତାର ଗୁରୁତ୍ୱ ଉପରେ ମତଦାନ କରିବା ସଂଗେ ସଂଗେ ଛାତ୍ରୀମାନେ ଆତ୍ମନିର୍ଭର ଓ ଆତ୍ମସୁରକ୍ଷା ନିଜର ଦାୟିତ୍ୱ ବୋଲି ମତବ୍ୟକ୍ତ କରିଥିଲେ । ଅନ୍ୟତମ ମୁଖ୍ୟ ବକ୍ତା ପ୍ରାକ୍ତନ ଅଧକ୍ଷ ଡ଼. କୃପାସିନ୍ଧୁ ନାୟକ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଶୃଙ୍ଖଳା, ଆଇନ୍ ସଚେତନତା ଏବଂ ସାମାଜିକ ଦାୟିତ୍ୱ ସଂପର୍କରେ ଆଲୋକପାତ କରିଥିଲେ । ସମ୍ମାନୀତ ଅତିଥି ଅକ୍ଷୟ କୁମାର ପାଣିଗ୍ରାହୀ ଓ ମଞ୍ଜୁଲତା ମହାପାତ୍ର ପ୍ରମୁଖ ଯୋଗଦାନ କରି ଛାତ୍ରଛାତ୍ରୀମାନେ ପୋକ୍‌ସୋ ଆଇନ୍ ଓ ଶୃଙ୍ଖଳା ସଂପର୍କରେ ମତ ରଖିଥିଲେ । 'ଶକ୍ତିଶ୍ରୀ'ର ସଂଯୋଜିକା ପ୍ରଭାତୀ ନାୟକ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପିକା ସ୍ୱର୍ଣ୍ଣଲତା ପାକଳ ଧନ୍ୟବାଦ ଅର୍ପଣ କରିଥିଲେ । ପରିଶେଷରେ ଗୌରାଙ୍ଗ ଦାସ, ରଘୁନାଥ ନାୟକ ଓ ଆଶୁତୋଷ ସିଂ ସଭାପରିଚାଳନାରେ ସହଯୋଗ କରିଥିଲେ ।

# ସମବାୟ ସମିତିରେ କୃଷକ ପଞ୍ଜୀକରଣ ଜାରି

ଖଡ଼ିଆଳ(ନିପ୍ର) : ନୂଆପଡ଼ା ଜିଲ୍ଲା ଖଡ଼ିଆଳ ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ) ଠାରେ ଚଳିତ ୨୦୨୬-୨୭ ଖରିଫ ଋତୁ ପାଇଁ କୃଷକ ପଞ୍ଜୀକରଣ ପ୍ରକ୍ରିୟା ଜୋରଦାର ଜାରି ରହିଛି । ଏହି ଅବସରରେ ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ସମବାୟ ସମିତିକୁ ଯାଇ ନିଜର କୃଷକ ପଞ୍ଜୀକରଣ କରିଛନ୍ତି । ସୂଚନାଯୋଗ୍ୟ, ଚଳିତ ବର୍ଷ କୃଷକ ପଞ୍ଜୀକରଣ ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ ଓ ସୁବ୍ୟବସ୍ଥିତ କରିବା ପାଇଁ ସରକାରଙ୍କ ପକ୍ଷରୁ 'ଆଇ-ସ୍କାନ୍' ବା ଚକ୍ଷୁ ସ୍କାନିଂକୁ ବାଧ୍ୟତାମୂଳକ କରାଯାଇଛି । ବିଧାୟକ ଶ୍ରୀ ପାଣିଗ୍ରାହୀ ନିଜେ ସମବାୟ ସମିତି କାର୍ଯ୍ୟାଳୟରେ ଉପସ୍ଥିତ ରହି ଆଇ-ସ୍କାନ୍ ମାଧ୍ୟମରେ ପଞ୍ଜୀକରଣ ପ୍ରକ୍ରିୟା ସମ୍ପୂର୍ଣ୍ଣ କରିଛନ୍ତି । ଏହି ପଞ୍ଜୀକରଣ ଦ୍ୱାରା ଚାଷୀମାନେ ନିଜ ଜମିରୁ ଉତ୍ପାଦିତ ଧାନ ଓ ଅନ୍ୟାନ୍ୟ କୃଷିଜାତ ଦ୍ରବ୍ୟକୁ ମଣ୍ଡିରେ ସରକାରୀ ସନ୍ନିବେଶିତ ନ୍ୟୁନତମ ସହାୟକ ମୂଲ୍ୟ (ଗଝଚ)ରେ ବିକ୍ରି କରିପାରିବେ । ଯେଉଁ ଚାଷୀମାନେ ପଞ୍ଜୀକରଣ କରିବେ ନାହିଁ, ସେମାନେ ପରବର୍ତୀ ସମୟରେ ମଣ୍ଡିରେ ଧାନ ବିକ୍ରି କରିବାରେ ସମସ୍ୟାର ସମ୍ମୁଖୀନ ହେବେ । ତେଣୁ ସମସ୍ତ ଚାଷୀ ଭାଇମାନେ ସମୟ ପୂର୍ବରୁ ସମବାୟ ସମିତି ସହ ଯୋଗାଯୋଗ କରି ପଞ୍ଜୀକରଣ ସାରିବାକୁ ସମବାୟ ବିଭାଗ ପକ୍ଷରୁ ନିବେଦନ କରାଯାଇଛି । ବିଧାୟକ ନିଜେ ସାଧାରଣ ଚାଷୀଙ୍କ ଭଳି ଧାଡ଼ିରେ ଛିଡ଼ା ହୋଇ ପଞ୍ଜୀକରଣ କରିବା ପରେ, ଅଂଚଳର ଅନ୍ୟ କୃଷକମାନେ ମଧ ଆଗ୍ରହର ସହ ଆସି ପଞ୍ଜୀକରଣ କରିବେ ବୋଲି ଆଶା ପ୍ରକାଶ ପାଇଛି ।

## କୃଷକଙ୍କ ହକ୍ ପାଇଁ ବିଜେଡି ପକ୍ଷରୁ ସାମ୍ବାଦିକ ସମ୍ମିଳନୀ



ନୀଳଗିରି(ନିପ୍ର) : ନୀଳଗିରି ବ୍ଲକରେ ନକଲି ସାର ଓ କୀଟନାଶକ ବଂଟନ ନେଇ ଉଠିଥିବା ଅଭିଯୋଗ, ଅନିୟମିତତା ଓ ଦୁର୍ନୀତିର ପ୍ରତିବାଦରେ ଆଜି ଆଜି ପୂର୍ବାହ୍ନ ୧୧.୩୦ମିନିଟ ସମୟ ରେ ନୀଳଗିରି ବିଜୁ ଜନତା ଦଳ ପକ୍ଷରୁ ପୂର୍ବତନ ବିଧାୟକ ଇଂ ସୁକାନ୍ତ ନାୟକ ଅଧକ୍ଷତାରେ କାର୍ଯ୍ୟାଳୟଠାରେ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଯାଇଛି । କୃଷକମାନଙ୍କୁ ନ୍ୟାୟ ପ୍ରଦାନ, ଗୁଣାତ୍ମକ ସାର ଓ କୀଟନାଶକର ସୁବ୍ୟବସ୍ଥିତ ବଂଟନ ସହ କୃଷକ ପଞ୍ଜିକରଣ ଓ ଭାଗ ଚାଷୀ ଙ୍କୁ ପଞ୍ଜିକରଣ କରାଇବା, ଏକ ମାସ କୃଷକ ପଞ୍ଜିକରଣ ସୀମା ବଢାଇବାକୁ ଦାବିକରିବା ସହିତ ସମାଜ ର ତଳ ଭାଗରେ ବସ ବାସ କରୁଥିବା ଘରବାଡ଼ି ନଥିବା ଉପଭୋକ୍ତା ଙ୍କୁ ସର୍ବ ନିମନ୍ନ ତମ୍ବୁ ଯୋଗାଇଦେବା ସହିତ ସାର ର କଳାବଜାରି ଘଟଣାର ନିରପେକ୍ଷ ତଦନ୍ତ ଓ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି । କୃଷକଙ୍କ ଅଧିକାର ଓ ସ୍ୱାର୍ଥର ସୁରକ୍ଷା ପାଇଁ ବିଜେଡିର ସ୍ୱର ସବୁବେଳେ ଦୃଢ଼ ରହିବ । ବରିଷ୍ଠ ନେତା ରବୀନ୍ଦ୍ର ପରିଡା, ରାଧାଗୋବିନ୍ଦ ଖଟୁଆ, ସୁନୀଲ ପ୍ରଧାନ, ରାଜୀବ ଦାସ ବାବୁ, ଅଚ୍ୟୁତ ପ୍ରଧାନ, ଗଙ୍ଗାଧର ମିଶ୍ର, ଧୀରେନ୍ଦ୍ର ମୁଦୁଲି, ବୁଦ୍ଧଦେବ ସରକାର, ଚନ୍ଦନ ନାୟକ, ଚିନ୍ମୟ ସିଂ, ନମା ସିଂ, ମହେଶ୍ୱର ଗୋଛାୟତ, ମାନସ ରାଉତ, ଅଭିଷେକ ମହାଲିକ, ଦୁର୍ଗାପ୍ରସାଦ ମହାନ୍ତି, ମୁକେଶ ବିଶ୍ୱାଳ, ଆଲୋକ ପାତ୍ର, ଓମ ପ୍ରକାଶ ନାୟକ, ପ୍ରତାପ ରୁଦ୍ର ସିଂ, ବସନ୍ତ କୁମାର ମହାନ୍ତି କମଳାକାନ୍ତ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ ।

# ବାସିଖାଦ୍ୟ ଖାଇ ସାମ୍ବାଦିକ ଅସୁସ୍ଥ



ନୀଳଗିରି(ନିପ୍ର) : ବାସୀ ଆଳିଆ ଖାଦ୍ୟ ଦେଇ ଲୁଟୁଛନ୍ତି ହୋଟେଲ ମାଲିକ । ହୋଟେଲ ବାସୀ ଖାଦ୍ୟ ଖାଇ ସୁକ୍ରବାର ଦିନ ସାମ୍ବାଦିକ ଅସୁସ୍ଥ ହୋଇଛନ୍ତି । ଘଟଣାନୁଯାୟୀ ନୀଳଗିରି ର ବଡଖବର କାର୍ଯ୍ୟରତ ସାମ୍ବାଦିକ ଶରତ ଜେନା, କନକ ଟିଭି ସାମ୍ବାଦିକ ଦିଲ୍ଲୀପ ସ୍ୱାଇଁ, ନନ୍ଦିଘୋଷ ଟିଭି ସାମ୍ବାଦିକ ସୁକାନ୍ତ ଦାସ ଓ ନକ୍ଷେତ୍ରଜ୍ୟୋତି ର ସାମ୍ବାଦିକ ଉପେନ୍ଦ୍ର ଦଳେଇ କୌଣସି କାର୍ଯ୍ୟ ସାରି ଆଜି ମଧ୍ୟାହ୍ନ ପ୍ରାୟ ୨ ଘଟିକା ସମୟରେ ନୀଳଗିରି କଚେରୀ ଠାରେ ଥିବା ନମସ୍ତେ ହୋଟେଲ ଓ ରେଷ୍ଟୁରାଂଟକୁ ଖାଇବାକୁ ଯାଇଥିଲେ । ଶରତ କୁକୁଡ଼ା ମାଂସ ତରକାରୀ ମାଗି ଖାଇଥିବା ବେଳେ ଅନ୍ୟମାନେ ମାଛ ତରକାରୀ ଓ ନିରାମିଷ ତରକାରୀ ମଗାଇ ଖାଇଥିଲେ । ଖାଦ୍ୟ ଖାଇବା ବେଳେ ମାଂସ ତରକାରୀ ଟି ବାସୀ ବୋଲି ଜାଣିବାକୁ ପାଇ ହୋଟେଲ ବୟ କୁ ଜଣାଇବା ସହିତ ସମସ୍ତେ ଅଧାରୁ ଖାଦ୍ୟ ଛାଡ଼ି ପଳାଇ ଆସିଥିଲେ । ପ୍ରାୟ ଅଧଘଂଟା ଭିତରେ ପ୍ରଥମେ ଶରତ କୁ ଦୁଇ ତିନୋଟି ବାନ୍ତି ହୋଇ ଦୁର୍ବଳ ହୋଇପଡ଼ିଥିଲେ । ସ୍ୱାସ୍ଥବସ୍ଥା ବିଗିଡ଼ିବାରୁ ତୁରନ୍ତ ନୀଳଗିରି ମେଡିକାଲ ରେ ଭର୍ତ୍ତି କରାଯାଇଥିଲା । ପରେ ସନ୍ଧ୍ୟା ରେ ଶରତ ସୁସ୍ଥ ହୋଇ ଘରକୁ ଫେରିଥିଲେ । ଡ୍ରେ ହୋଟେଲ ମାନଙ୍କରେ ମାଲିକ ମାନେ ଏଭଳି ଭାବେ ବାସୀ ଖାଦ୍ୟ ବିକ୍ରି କରି ଲୋକଙ୍କ ଜୀବନକୁ ନେଇ ଖେଳ ଖେଳୁଛନ୍ତି । ତୁରନ୍ତ ବାଲେଶ୍ୱର ଫୁଡ ଅଧିକାରୀ ସବୁ ହୋଟେଲ ଖାଦ୍ୟର ମାନ ପରୀକ୍ଷା କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ସାଧାରଣରେ ଦାବୀ ହୋଇଛି ।

BETNOTI COLLEGE OF NURSING
COLLEGE ROAD, BETNOTI, MAYURBHANJ
Approved by: Health & Family Welfare Department, Govt. of Odisha, Bhubaneswar
(Recognised by : Odisha Nursing Council, Bhubaneswar)
(Affiliated to ODISHA UNIVERSITY OF HEALTH SCIENCES, BBSR, ODISHA)
Course Offer: ADMISSION OPEN : 2026-27
B.Sc. Nursing
(4 Years Degree Course)
Eligibility :
+2 Science with Biology
(Mark 45% & 40% for SC/ST Students)
MUST BE QUALIFIED IN OJEE ENTRANCE
BETNOTI SCHOOL OF NURSING
G.N.M. 3 YEARS DIPLOMA COURSE
Eligibility : +2 Arts/ Science/ Commerce
A.N.M. 2 YEARS COURSE
(Mark 40% & 35% for SC/ST Students)
Eligibility : +2 Arts/ Science/ Commerce
(Clinical Training at D.H.H. & P.R.M. Medical College, Baripada)
FACILITIES : Most Experienced Faculties, In Campus Girl's Hostel, Canteen, well Equipped, Laboratories, Library, Smart, Class Rooms, Separate, Boy's Hostel & Free Wi-fi.
STIPEND FOR SC/ST/OBC & SEBC STUDENTS
Contact for Admission:
7008973851, 8455087373, 9861373681

## ସୁଭାଷିତ ସେୟାର କରି ନଦୀଗୁଡ଼ିକରୁ ପରୋପକାରର ଭାବନା ଶିଖିବାର ବାର୍ତ୍ତା ଦେଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ସକାଳେ ସବୁଦିନ ପରି 'ସୁଭାଷିତମ୍' ଭାବେ ପରୋପକାରର ଭାବନାରେ ପରିପୂର୍ଣ୍ଣ ଏକ ଶ୍ଲୋକ ତାଙ୍କ ଏକ୍ସ ହ୍ୟାଣ୍ଡେଲ୍ରେ ସେୟାର କରିଛନ୍ତି । ସେ ଲେଖିଛନ୍ତି, "ନଦୀମାନଙ୍କର ଅବିରତ ପ୍ରବାହ ଆମକୁ ଶିଖାଏ ଯେ, ଆମେ କିପରି ନିଜ ସାମର୍ଥ୍ୟକୁ ମାନବତାର କଲ୍ୟାଣ ପାଇଁ ବ୍ୟବହାର କରିପାରିବା । ନିଃସ୍ୱାର୍ଥ ସେବା, ସମର୍ପଣ ଓ ପରୋପକାରର ଏହି ଭାବନା ହିଁ ରାଷ୍ଟ୍ରକୁ ଏକ ନୂତନ ଦିଗ ଦେଇଥାଏ ।"ଏହି ସୁଭାଷିତମ୍ ହେଉଛି—"ଜୀବନଂ ସ୍ୱଂ ପରାର୍ଥାୟ ନିତ୍ୟଂ ଯଚ୍ଛତ ମାନବାଃ । ଇତି ସନ୍ଦେଶମାଖ୍ୟାତୁଂ ସମୁଦ୍ରଂ ଯାନ୍ତି ନିମ୍ନଗାଃ ?"ଏଥିରେ ପ୍ରକୃତି ମାଧ୍ୟମରେ ମଣିଷକୁ ପରୋପକାରର ଶିକ୍ଷା ଦିଆଯାଇଛି । କବି କହୁଛନ୍ତି, "ସଂସାରର ସମସ୍ତ ନଦୀ ପର୍ବତରୁ ବାହାରି କ୍ଳାନ୍ତ ନହୋଇ ନିରନ୍ତର ସମୁଦ୍ର ଆଡ଼କୁ ପ୍ରବାହିତ ହୋଇଥାଏ । ନଦୀମାନେ ନିଜେ ନିଜ ଜଳ ପାନ କରନ୍ତି ନାହିଁ; ବରଂ ନିଜ ପଥରେ ଆସୁଥିବା ସମସ୍ତ ଜୀବଜନ୍ତୁଙ୍କର ତୃଷ୍ଣା ମେଂଟାଇଥାନ୍ତି ଏବଂ କ୍ଷେତଗୁଡ଼ିକୁ ଜଳସେଚନ କରନ୍ତି ।" କବିଙ୍କ କଳ୍ପନା ହେଉଛି, ନଦୀମାନେ ନିଜର ଏହି ନିଃସ୍ୱାର୍ଥ ଯାତ୍ରା ମାଧ୍ୟମରେ ମାନବଜାତିକୁ ଏକ ନିରବ ବାର୍ତ୍ତା ଦେଉଛନ୍ତି ।

## ଆଖି ବୁଜିଲେ ବର୍ଷିଆନ ସଙ୍ଗୀତଜ୍ଞ ପ୍ରଣବ ପଟ୍ଟନାୟକ



ଭୁବନେଶ୍ୱର : ଆଉ ନାହାଁନ୍ତି ବର୍ଷିଆନ ସଙ୍ଗୀତଜ୍ଞ ପ୍ରଣବ ପଟ୍ଟନାୟ । ୮୮ ବର୍ଷ ବୟସରେ ଆଖି ବୁଜିଛନ୍ତି ସେ । ଭୁବନେଶ୍ୱରସ୍ଥିତ ବାସଭବନରେ ପରଲୋକ ହୋଇଛି । ତାଙ୍କର ମୃତ୍ୟୁ ପରେ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ପହଂଚିଛନ୍ତି । ସଙ୍ଗୀତ ନାଟକ ଏକାଡେମୀ ଓ ରାଜ୍ୟ ଚଳଚିତ୍ର ପୁରସ୍କାର ସେ ପାଇଥିଲେ । ପ୍ରଣବଙ୍କ ବିୟୋଗରେ ସଙ୍ଗୀତ ଜଗତରେ ଶୋକର ଛାୟା ଖେଳିଯାଇଛି । ସୁନାମଧନ୍ୟ କଣ୍ଠଶିଳ୍ପୀ ଏବଂ ସଙ୍ଗୀତକାର ସେ ପ୍ରାୟ ପାଂଚ ଦଶନ୍ଧିରୁ ଅଧିକ ସମୟ ଧରି ନିଜର ସୁମଧୁର ସ୍ୱର ମାଧ୍ୟମରେ ଓଡ଼ିଆ ଚଳଚ୍ଚିତ୍ର ଏବଂ ଆଲବମ ଜଗତକୁ ସମୃଦ୍ଧ କରିଛନ୍ତି, ତାଙ୍କର ଅପୂର୍ବ କଣ୍ଠସ୍ୱର ଏବଂ ଗାୟନ ଶୈଳୀ ପାଇଁ ତାଙ୍କୁ ଓଡ଼ିଆ ସଙ୍ଗୀତର ଅନ୍ୟତମ ଶ୍ରେଷ୍ଠ ଗାୟକ ଭାବେ ଗଣନା କରାଯାଏ ପ୍ରଣବ ପଟ୍ଟନାୟକ ଓଡ଼ିଆ ସଙ୍ଗୀତ ଜଗତର ଜଣେ ଅତ୍ୟନ୍ତ ପରିଚିତ ଓ ଲୋକପ୍ରିୟ କଣ୍ଠଶିଳ୍ପୀ ଥିଲେ । ଦୀର୍ଘ ବର୍ଷର ସଙ୍ଗୀତ ଯାତ୍ରାରେ ସେ ଅନେକ ଲୋକପ୍ରିୟ ଓ ହିଟ୍ ଓଡ଼ିଆ ଗୀତ ଗାଇ ଶ୍ରୋତାଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛନ୍ତି ।



## ଏଚ୍୧ଏନ୍୧ ଇନଫ୍ଲୁଏଞ୍ଜାର ପ୍ରଚଳିତ ପରିସ୍ଥିତି ଏବଂ ପ୍ରସ୍ତୁତିର ସମୀକ୍ଷା କଲେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେପି ନଡ୍ଡା



ନୂଆଦିଲ୍ଲୀ : କେନ୍ଦ୍ର ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରୀ ଶ୍ରୀ ଜେପି ନଡ୍ଡା ଆଜି ଦେଶରେ ଐ୧ଘ୧ ଇନଫ୍ଲୁଏଞ୍ଜା ପାଇଁ ପ୍ରଚଳିତ ପରିସ୍ଥିତି ଏବଂ ପ୍ରସ୍ତୁତି ସମୀକ୍ଷା କରିଛନ୍ତି, ବିଶେଷକରି ଜାତୀୟ ରାଜଧାନୀ ଉପରେ ଧ୍ୟାନ ଦିଆଯାଇଛି । ଦିଲ୍ଲୀ ସ୍ୱାସ୍ଥ୍ୟ ମନ୍ତ୍ରୀ ଡକ୍ଟର ପଙ୍କଜ କୁମାର ସିଂହ ମଧ୍ୟ ବୈଠକରେ ଯୋଗ ଦେଇଥିଲେ । କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜାତୀୟ ପର୍ଯ୍ୟବେକ୍ଷଣ ଏବଂ ମହାମାରୀ ପରିସ୍ଥିତି, ଇନଫ୍ଲୁଏଞ୍ଜା ଭଳି ରୋଗ ଏବଂ ଗମ୍ଭୀର ତୀବ୍ର ଶ୍ୱାସକ୍ରିୟା ସଂକ୍ରମଣ (ଝଇଜଓ) ଧାରା, ପରୀକ୍ଷା ଏବଂ ପରୀକ୍ଷାଗାର ପର୍ଯ୍ୟବେକ୍ଷଣ ଏବଂ ଋତୁକାଳୀନ ଇନଫ୍ଲୁଏଞ୍ଜା ମାମଲା ପରିଚାଳନା ପାଇଁ ସ୍ୱାସ୍ଥ୍ୟସେବା ସୁବିଧାଗୁଡ଼ିକର ପ୍ରସ୍ତୁତି ସମୀକ୍ଷା କରିଛନ୍ତି । ଶ୍ରୀ ନଡ୍ଡା ଇନଫ୍ଲୁଏଞ୍ଜା ଧାରା ଉପରେ କଡ଼ା ନଜର ରଖିବା ଏବଂ ମାମଲାଗୁଡ଼ିକର ଯେକୌଣସି ଅସ୍ୱାଭାବିକ ବୃଦ୍ଧି କିମ୍ବା କ୍ଲଷ୍ଟରିଂର ସମୟୋଚିତ ଚିହ୍ନଟ ଏବଂ ପରିଚାଳନା ସହିତ ନିରନ୍ତର ସତର୍କତା, ଦୃଢ଼ ନଜର ଏବଂ ସକ୍ରିୟ ପ୍ରସ୍ତୁତିର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି । ଦିଲ୍ଲୀରେ ସ୍ୱାସ୍ଥ୍ୟସେବା ସୁବିଧାଗୁଡ଼ିକର ପ୍ରସ୍ତୁତି ସମୀକ୍ଷା କରାଯାଇଥିଲା, ଯେଉଁଥିରେ ହସ୍ପିଟାଲ ବେଡ୍, ଗୁରୁତ୍ୱପୂର୍ଣ୍ଣ ଯତ୍ନ ସୁବିଧା, ଅକ୍ସିଜେନ୍ ସମର୍ଥିତ ଶଯ୍ୟା, ଭେଂଟିଲେଟର, ଅତ୍ୟାବଶ୍ୟକ ଔଷଧ, ରୋଗ ନିର୍ଣ୍ଣୟ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସାମଗ୍ରୀର ଉପଲବ୍ଧତା ଅନ୍ତର୍ଭୁକ୍ତ । ମନ୍ତ୍ରୀ ପର୍ଯ୍ୟାପ୍ତ ବୃଦ୍ଧି କ୍ଷମତା ଏବଂ ସୁଗମ ରେଫରାଲ୍ ବ୍ୟବସ୍ଥାର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ, ବିଶେଷକରି ବିଶେଷଜ୍ଞ କିମ୍ବା ଗୁରୁତ୍ୱପୂର୍ଣ୍ଣ ଯତ୍ନ ଆବଶ୍ୟକ କରୁଥିବା ରୋଗୀଙ୍କ ପାଇଁ । କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଇନଫ୍ଲୁଏଞ୍ଜା ମାମଲାଗୁଡ଼ିକର ପ୍ରାରମ୍ଭିକ ଚିହ୍ନଟ, ସମୟୋଚିତ ପରୀକ୍ଷା ଏବଂ ଉପଯୁକ୍ତ କ୍ଲିନିକାଲ୍ ପରିଚାଳନାକୁ ନିରନ୍ତର ସୁଦୃଢ଼ କରିବା ସହିତ ବିଦ୍ୟମାନ ନିରୀକ୍ଷଣ ଏବଂ ପରୀକ୍ଷାଗାର ନେଟୱାର୍କର ପ୍ରଭାବଶାଳୀ ବ୍ୟବହାର ପାଇଁ ଆହ୍ୱାନ କରିଥିଲେ । ପୂର୍ବରୁ, ୧୦ ଜୁଲାଇ ୨୦୨୬ ରେ, କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ସମସ୍ତ ରାଜ୍ୟ / କେନ୍ଦ୍ରଶାସିତ ଅଂଚଳଗୁଡ଼ିକୁ ଚିଠି ଲେଖି ତୀବ୍ର ଶ୍ୱାସକ୍ରିୟା ରୋଗ ପାଇଁ ପ୍ରସ୍ତୁତି ଏବଂ ନିରୀକ୍ଷଣକୁ ମଜବୁତ କରିବା ଏବଂ ସ୍ୱାସ୍ଥ୍ୟସେବା ସୁବିଧାଗୁଡ଼ିକ ପର୍ଯ୍ୟାପ୍ତ ଭାବରେ ପ୍ରସ୍ତୁତ ରହିବାକୁ ନିଶ୍ଚିତ କରିବାକୁ ପରାମର୍ଶ ଦେଇଥିଲେ । ଶ୍ରୀ ନଡ୍ଡା ଶ୍ୱାସକ୍ରିୟା ପରିଷ୍କାରତା ଏବଂ ହାତ ପରିଷ୍କାରତା ସମେତ ଜନସଚେତନତା ଏବଂ ପ୍ରତିରୋଧକ ସ୍ୱାସ୍ଥ୍ୟ ଅଭ୍ୟାସ ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ ଏବଂ ଲଗାତାର କିମ୍ବା ଗୁରୁତର ଶ୍ୱାସକ୍ରିୟା ଲକ୍ଷଣ, ନିଶ୍ୱାସ ନେବାରେ କଷ୍ଟ କିମ୍ବା ଅନ୍ୟାନ୍ୟ ସତର୍କତା ସଙ୍କେତ ଥିବା ବ୍ୟକ୍ତିମାନଙ୍କୁ ତୁରନ୍ତ ଡାକ୍ତରୀ ପରାମର୍ଶ ନେବାକୁ ପରାମର୍ଶ ଦେଇଥିଲେ । କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ପୁନର୍ବାର କହିଛନ୍ତି ଯେ ପରିସ୍ଥିତି ଉପରେ କଡ଼ା ଏବଂ ନିରନ୍ତର ନଜର ରଖାଯାଇଛି, ଡେଙ୍ଗୁ ଏବଂ ମ୍ୟାଲେରିଆ ସମେତ ଋତୁକାଳୀନ ରୋଗର ପ୍ରତିରୋଧ ଏବଂ ନିୟନ୍ତ୍ରଣ ପାଇଁ ନିରନ୍ତର ଏବଂ ସମନ୍ୱିତ ପ୍ରୟାସର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି । ଶ୍ରୀ ନଡ୍ଡା ରାଜ୍ୟ ସରକାରଙ୍କ ଦ୍ୱାରା ଏକ ସକ୍ରିୟ ଏବଂ ପ୍ରସ୍ତୁତି-ଭିତିକ ଆଭିମୁଖ୍ୟ ଗ୍ରହଣ କରିବାକୁ ଆହ୍ୱାନ କରିଛନ୍ତି, ଯେଉଁଥିରେ ପୌର ପରିଷଦ ଏବଂ ଅନ୍ୟାନ୍ୟ ସ୍ଥାନୀୟ ସଂସ୍ଥାଗୁଡ଼ିକ ଋତୁକାଳୀନ ରୋଗର ପ୍ରତିରୋଧ, ପ୍ରସାର ଏବଂ ନିୟନ୍ତ୍ରଣ ଉପରେ ସମ୍ପ୍ରଦାୟ ମଧ୍ୟରେ ସଚେତନତା ସୃଷ୍ଟି କରିବାରେ ସକ୍ରିୟ ଅଂଶଗ୍ରହଣ କରିବେ । ସ୍ଥାନୀୟ ସଂସ୍ଥାଗୁଡ଼ିକର ସକ୍ରିୟ ଅଂଶଗ୍ରହଣ ଏବଂ ଏକ ସମ୍ପୂର୍ଣ୍ଣ ସରକାରୀ ଆଭିମୁଖ୍ୟ ମାଧ୍ୟମରେ ଜାତୀୟ ରାଜଧାନୀରେ ଯକ୍ଷ୍ମା ଚିହ୍ନଟରେ ବୃଦ୍ଧିକୁ ଆଲୋକପାତ କରି, କେନ୍ଦ୍ରମନ୍ତ୍ରୀ ତଥ୍ୟଗତ ଏବଂ ପ୍ରମାଣ-ଭିତିକ ସୂଚନା ପ୍ରସାରଣ ଏବଂ ସମ୍ପ୍ରଦାୟ ସମ୍ପୃକ୍ତିକୁ ସୁଦୃଢ଼ ??କରିବାରେ ସମସ୍ତ ସ୍ତରରେ ଜନ ପ୍ରତିନିଧିଙ୍କ ସକ୍ରିୟ ଅଂଶଗ୍ରହଣର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଛନ୍ତି ।

## ତୃଣମୂଳସ୍ତରରେ ପ୍ରଶାସନକୁ ନେଇ ବ୍ରହ୍ମପୁରରେ ତିନିଦିନିଆ ପ୍ରଦର୍ଶନୀ
## ୧୨ ବର୍ଷରେ ଭାରତର ପ୍ରଗତି ହେଲା ପ୍ରଦର୍ଶିତ



ଭୁବନେଶ୍ୱର : ବ୍ରହ୍ମପୁର ଠାରେ ଆଜି '୧୨ ବର୍ଷର ରୂପାନ୍ତରଣକାରୀ ପ୍ରଶାସନ' ଏବଂ 'ହର ଘର ତିରଙ୍ଗା' ଅଭିଯାନକୁ ନେଇ ଏକ ତିନି ଦିନିଆ ସମନ୍ୱିତ ଲୋକ ସମ୍ପର୍କ କାର୍ଯ୍ୟକ୍ରମ ଏବଂ ମଲ୍ଟିମିଡିଆ ପ୍ରଦର୍ଶନୀ ଉଦଘାଟନ ହୋଇଛି । ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ କେନ୍ଦ୍ରୀୟ ସଂଚାର ବ୍ୟୁରୋ (ସିବିସି) କ୍ଷେତ୍ର କାର୍ଯ୍ୟାଳୟ, ବ୍ରହ୍ମପୁର ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି । ପିଆଇବି ଓ ସିବିସିର ପୂର୍ବ ପ୍ରାନ୍ତ ମହାନିର୍ଦ୍ଦେଶକ ଟି.ଭି.କେ ରେଡ୍ଡି ଏହି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଏଥିରେ ବିଶିଷ୍ଟ ଅତିଥି ଭାବେ ଓଡ଼ିଆ କଳାକାର ଏବଂ ସଂସ୍କୃତିବିତ୍ ପଦ୍ମଶ୍ରୀ ସୀମାଂଚଳ ପାତ୍ରଙ୍କ ସମେତ ବହୁ ସମ୍ମାନିତ ବ୍ୟକ୍ତିବିଶେଷ, ସରକାରୀ ଅଧିକାରୀ ଏବଂ ଜନସାଧାରଣ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ଉଦବୋଧନ ଦେଇ ଶ୍ରୀ ରେଡ୍ଡୀ କହିଥିଲେ, ଏପରି କାର୍ଯ୍ୟକ୍ରମ ବିଭିନ୍ନ କଲ୍ୟାଣମୂଳକ ଯୋଜନା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଏବଂ ଏହାର ଲାଭ ନେବା ଲାଗି ଜନସାଧାରଣଙ୍କୁ ସଚେତନ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ରୂପେ କାର୍ଯ୍ୟ କରିଥାଏ । ସେ ଗୁରୁତ୍ୱାରୋପ କରି କହିଥିଲେ, ଏପରି କାର୍ଯ୍ୟକ୍ରମଗୁଡ଼ିକ କେବଳ ଭାଷଣ ଦେବାର ମଂଚ ନୁହେଁ, ବରଂ ଏହା ଲୋକମାନଙ୍କୁ ପ୍ରଶ୍ନ କରିବା ଏବଂ ସରକାରୀ ଯୋଜନା ବିଷୟରେ ସୂଚନା ପାଇବାର ସୁଯୋଗ ପ୍ରଦାନ କରେ । ସେ ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ଯୋଜନା, ପ୍ରଧାନମନ୍ତ୍ରୀ ଜନ-ଧନ ଯୋଜନା, ଆୟୁଷ୍ମାନ ଭାରତ ଏବଂ ପିଏମ ଶ୍ରୀ ସ୍କୁଲ ଭଳି ପ୍ରମୁଖ ପଦକ୍ଷେପଗୁଡ଼ିକ ଉପରେ ଆଲୋକପାତ କରିଥିଲେ । ଏଥିସହିତ ୨୦୪୭ ସୁଦ୍ଧା ଏକ ବିକାଶିତ ଭାରତ ଗଠନର ଦୃଷ୍ଟିକୋଣ ବିଷୟରେ କହିଥିଲେ । ଭାବିନିପୁର ସରପଂଚ ରଞ୍ଜିତ କୁମାର ସାହୁ ଗତ ୧୨ ବର୍ଷର ମୋଦୀ ସରକାରଙ୍କ ସଫଳତା ଉପରେ ଆଲୋକପାତ କରିଥିଲେ ଏବଂ ୨୦୪୭ ସୁଦ୍ଧା ନାଗରିକଙ୍କ ବିକଶିତ ଭାରତ ପ୍ରତି ଆକାଂକ୍ଷା ବିଷୟରେ ମତ ରଖିଥିଲେ । ଗଞ୍ଜାମର ଲିଡ୍ ଡିଷ୍ଟ୍ରିକ୍ଟ ମ୍ୟାନେଜର ଶ୍ରୀ ହିମାଂଚଳ ସାହୁ ସୁଭଦ୍ରା ଯୋଜନା ଏବଂ ସରକାରୀ ଯୋଜନାର ଶେଷ ମାଇଲ ପର୍ଯ୍ୟନ୍ତ ପହଂଚାଇବାରେ ବ୍ୟାଙ୍କିଙ୍ଗ କ୍ଷେତ୍ରର ଭୂମିକା ବିଷୟରେ କହିଥିଲେ । ସେ ହିତାଧିକାରୀଙ୍କୁ ସଶକ୍ତ କରିବାରେ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଉପରେ ମଧ୍ୟ ଗୁରୁତ୍ୱ ଦେଇଥିଲେ । ବ୍ରହ୍ମପୁରର ଡାକ ବିଭାଗର ଡାକ ନିରୀକ୍ଷକ କିରଣ କୁମାର ପାତ୍ର ବ୍ୟାଙ୍କିଂ ସୁବିଧା ସହଜରେ ଉପଲବ୍ଧ ନଥିବା ଅଂଚଳରେ ଆର୍ଥିକ ସେବା ବିସ୍ତାର କରିବାରେ ପୋଷ୍ଟ ଅଫିସଗୁଡ଼ିକର ଭୂମିକା ଉପରେ ଆଲୋକପାତ କରିଥିଲେ । ସେ ସୁକନ୍ୟା ସମୃଦ୍ଧି ଯୋଜନା, ଆରଡି, ଅବଧି କାଳୀନ ଜମା ଏବଂ ସଂଚୟ ଖାତା ବିଷୟରେ କହିଥିଲେ । କାର୍ଯ୍ୟକ୍ରମରେ ଶ୍ରୀ ଟିଭିକେ ରେଡ୍ଡୀ ଏବଂ ପଦ୍ମଶ୍ରୀ ସୀମାଂଚଳ ପାତ୍ରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ସ୍ଥାନୀୟ ଅଂଚଳର ସମୃଦ୍ଧ ପରମ୍ପରାକୁ ନେଇ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ସିବିସି ଭୁବନେଶ୍ୱରର ସହାୟକ ନିର୍ଦ୍ଦେଶକ ପ୍ରଦୀପ କୁମାର ଚୌଧୁରୀ ସ୍ୱାଗତ ଭାଷଣ ଦେବା ସହିତ ବିଭିନ୍ନ କଲ୍ୟାଣମୂଳକ ଯୋଜନା ସମ୍ପର୍କରେ ନାଗରିକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାରେ ଏଭଳି ଜନସମ୍ପର୍କ କାର୍ଯ୍ୟକ୍ରମର ଗୁରୁତ୍ୱ ବିଷୟରେ ମତ ରଖିଥିଲେ । ବ୍ରହ୍ମପୁର ସିବିସି କ୍ଷେତ୍ର କାର୍ଯ୍ୟାଳୟର କ୍ଷେତ୍ର ପ୍ରଚାର ସହାୟକ ଜୀବନ ସାମନ୍ତସିଂହାର ଧନ୍ୟବାଦ ଅର୍ପଣ କରିଥିଲେ । ଏହି ତିନି ଦନିଆ ପ୍ରଦର୍ଶନୀରେ ଭାରତର ବିକାଶ ଯାତ୍ରା ଏବଂ ରୂପାନ୍ତରକାରୀ ଶାସନ କାର୍ଯ୍ୟକ୍ରମକୁ ନେଇ ମଲ୍ଟିମିଡିଆ ପ୍ରଦର୍ଶନୀ, ସଚେତନତା କାର୍ଯ୍ୟକଳାପ ଏବଂ ଜନସାଧାରଣଙ୍କ ସହଭାଗିତା କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଛି ।

## ସୁଭଦ୍ରା ଯୋଜନାର ପ୍ରସ୍ତୁତି ବୈଠକରେ ସମୀକ୍ଷା କଲେ ଉପ ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର: ପବିତ୍ର ରାକ୍ଷୀ ପୂର୍ଣ୍ଣିମା ଅବସରରେ ରାଜ୍ୟର କୋଟିଏରୁ ଊର୍ଦ୍ଧ୍ୱ ମହିଳାଙ୍କୁ ରାଜ୍ୟ ସରକାର ଦେବାକୁ ଯାଉଛନ୍ତି ଏକ ବଡ଼ ଉପହାର । ରାଜ୍ୟ ସରକାରଙ୍କ ଯୁଗାନ୍ତକାରୀ 'ସୁଭଦ୍ରା' ଯୋଜନାର ପଂଚମ କିସ୍ତି ଟଙ୍କା ରାଖୀ ପୂର୍ଣ୍ଣିମା ଦିନ ନୟାଗଡ଼ ଜିଲ୍ଲାରେ ଆୟୋଜିତ ଏକ ଭବ୍ୟ କାର୍ଯ୍ୟକ୍ରମରେ ପ୍ରଦାନ କରାଯିବ । ଏହି ପରିପ୍ରେକ୍ଷୀରେ ଆଜି ରାଜଧାନୀ ଭୁବନେଶ୍ୱରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଅଧକ୍ଷତାରେ ଏକ ଉଚ୍ଚସ୍ତରୀୟ ପ୍ରସ୍ତୁତିମୂଳକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗର ବରିଷ୍ଠ ଅଧିକାରୀ, ଓକାକର ବୈଷୟିକ ଟିମ୍ ଏବଂ ବିଭିନ୍ନ ବ୍ୟାଙ୍କର ମୁଖ୍ୟ ପ୍ରତିନିଧିମାନେ ଉପସ୍ଥିତ ଥିଲେ । ପଂଚମ କିସ୍ତି ବାବଦ ଅର୍ଥ ସିଧାସଳଖ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ହସ୍ତାନ୍ତର କରିବା, ଯୋଗ୍ୟ ହିତାଧିକାରୀଙ୍କ ତାଲିକା ଯାଂଚ ଏବଂ ବ୍ୟାଙ୍କିଙ୍ଗ୍ ସର୍ଭର ବ୍ୟବସ୍ଥାକୁ ସୁଦୃଢ଼ କରିବା ସମ୍ପର୍କରେ ଉପମୁଖ୍ୟମନ୍ତ୍ରୀ ବିସ୍ତୃତ ସମୀକ୍ଷା କରିଥିଲେ । ଉପମୁଖ୍ୟମନ୍ତ୍ରୀଙ୍କ ସୂଚନା ଅନୁସାରେ, ଏହି କିସ୍ତିରେ ମୋଟ ୧,୦୩,୨୬,୧୬୨ ଜଣ ଯୋଗ୍ୟ ହିତାଧିକାରୀ ମହିଳାଙ୍କୁ ଚିହ୍ନଟ କରାଯାଇଛି ।

## ସିସିଏ, ଓଡ଼ିଶା ସ୍ୱାସ୍ଥ୍ୟ, କଲ୍ୟାଣ ଏବଂ ସାଂସ୍କୃତିକ ପଦକ୍ଷେପ ସହିତ ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳିତ





ଭୁବନେଶ୍ୱର: ଯୋଗାଯୋଗ ଆକାଉଂଟସ୍ (ସିସିଏ) କାର୍ଯ୍ୟାଳୟ, ଓଡିଶା, ଏହାର ଭୁବନେଶ୍ୱର ମୁଖ୍ୟାଳୟରେ 'ସମ୍ମାନ, ସମ୍ପର୍କ, ସେବା' ଶୀର୍ଷକ କେନ୍ଦ୍ରୀୟ ବିଷୟବସ୍ତୁ ସହିତ ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳନ କରିଛି । ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଥିଲା ଦୂରସଂଚାର ବିଭାଗର ବରିଷ୍ଠ ପେନସନଭୋଗୀଙ୍କୁ ସମ୍ମାନିତ କରିବା ସହିତ ସ୍ୱାସ୍ଥ୍ୟ ଏବଂ କଲ୍ୟାଣ ପଦକ୍ଷେପଗୁଡ଼ିକୁ ପ୍ରୋତ୍ସାହିତ କରିବା ଏବଂ ସମଗ୍ର ରାଜ୍ୟରେ ସୁଗମ ପେନସନ ବିତରଣ ସେବାକୁ ସୁଦୃଢ଼ କରିବା । ସିସିଏ, ଓଡ଼ିଶା, ବର୍ତ୍ତମାନ ଓଡ଼ିଶା ଟେଲିକମ୍ ସର୍କଲର ସମସ୍ତ ଜିଲ୍ଲାରେ ପ୍ରାୟ ୬,୪୦୦ ପେନସନଭୋଗୀ ଏବଂ ପରିବାର ପେନସନଭୋଗୀଙ୍କୁ ସେବା ପ୍ରଦାନ କରୁଛି, ପ୍ରତି ମାସରେ ହାରାହାରି ୨୩.୭୪ କୋଟି ଟଙ୍କା ସିଧାସଳଖ ସେମାନଙ୍କ ବ୍ୟାଙ୍କ ଆକାଉଂଟରେ ପ୍ରଦାନ କରୁଛି । ଉତ୍ସବ ପାଳନର ଏକ ଅଂଶ ଭାବରେ, ଅଧିକାରୀ ଏବଂ ଅଧିକାରୀମାନେ ସକାଳ ସମୟରେ କଟକ, ଭୁବନେଶ୍ୱର ଏବଂ ପୁରୀରେ ୯୦ ବର୍ଷ ଏବଂ ତଦୁର୍ଦ୍ଧ୍ୱ ବୟସର ବରିଷ୍ଠ ପେନସନଭୋଗୀଙ୍କ ବାସଭବନ ପରିଦର୍ଶନ କରିଥିଲେ । ଏହି ପରିଦର୍ଶନଗୁଡ଼ିକର ଉଦ୍ଦେଶ୍ୟ ଥିଲା ସେମାନଙ୍କ ମଙ୍ଗଳ କାମନା କରିବା ଏବଂ ବର୍ଷ ବର୍ଷର ଉତ୍ସର୍ଗୀକୃତ ସେବା ପାଇଁ ସମ୍ମାନ ଏବଂ କୃତଜ୍ଞତାର ନିଦର୍ଶନ ସ୍ୱରୂପ ସେମାନଙ୍କୁ ସମ୍ବର୍ଦ୍ଧିତ କରିବା । କାର୍ଯ୍ୟାଳୟରେ ମୁଖ୍ୟ କାର୍ଯ୍ୟକ୍ରମ ଉପସ୍ଥିତ ବରିଷ୍ଠତମ ପେନସନଭୋଗୀ, ଡକ୍ଟର ପ୍ରୀତି ମାହତୋ, ସିସିଏ, ଓଡ଼ିଶା ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀଙ୍କ ଦ୍ୱାରା ଆନୁଷ୍ଠାନିକ ଭାବରେ ଦୀପ ପ୍ରଜ୍ୱଳନ କରି ଆରମ୍ଭ ହୋଇଥିଲା । ପ୍ରାୟ ୧୦୦ ପେନସନଭୋଗୀ ଏବଂ ପରିବାର ପେନସନଭୋଗୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ, ଓଡ଼ିଶା ସର୍କଲର ବିଭିନ୍ନ ପେନସନଭୋଗୀ ସଂଘର ପଦାଧିକାରୀ, ଚିକିତ୍ସା ବିଶେଷଜ୍ଞ, ଇଣ୍ଡିଆ ପୋଷ୍ଟ ପେମେଂଟସ୍ ବ୍ୟାଙ୍କର ପ୍ରତିନିଧି ଏବଂ କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀମାନେ ଉପସ୍ଥିତ ଥିଲେ । ଶ୍ରୀ ସୁକାନ୍ତ କୁମାର ଦାସ, ସହାୟକ ସିସିଏ ସ୍ୱାଗତ ଭାଷଣ ଦେଇଥିଲେ, କାର୍ଯ୍ୟାଳୟର ସୋସିଆଲ ମିଡ଼ିଆ ଚ୍ୟାନେଲ ମାଧ୍ୟମରେ ଭର୍ଚୁଆଲ୍ ଭାବରେ ଅଂଶଗ୍ରହଣ କରିଥିବା ବ୍ୟକ୍ତିମାନଙ୍କ ସମେତ ଉପସ୍ଥିତ ସମସ୍ତଙ୍କୁ ସ୍ୱାଗତ କରିଥିଲେ ।

## ପାରାଦୀପ ବନ୍ଦରରେ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ କଲେ କେନ୍ଦ୍ରମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ



ପାରାଦୀପ : ପାରାଦୀପ ବନ୍ଦରର ଭିତିଭୂମି ବିକାଶ କ୍ଷେତ୍ରରେ ଏକ ନୂତନ ଏବଂ ସ୍ୱର୍ଣ୍ଣିମ ଅଧ୍ୟାୟ ଯୋଡ଼ି ହୋଇଛି । ଶୁକ୍ରବାର ଦିନ କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ ପାରାଦୀପ ବନ୍ଦର ଗସ୍ତରେ ଆସି ୪୨୭.୮୦ କୋଟି (ପ୍ରାୟ ୪୨୮ କୋଟି) ଟଙ୍କାର ବିଭିନ୍ନ ଉନ୍ନୟନମୂଳକ ତଥା ଭିତିଭୂମି ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି । ଏହି ବୃହତ୍ ପ୍ରକଳ୍ପଗୁଡ଼ିକ ବନ୍ଦରର କାର୍ଯ୍ୟଦକ୍ଷତା ଏବଂ ଗୁଣବତା ବୃଦ୍ଧି ସହିତ ପୂର୍ବ ଭାରତର ଅର୍ଥନୀତିକୁ ଅଧିକ ସୁଦୃଢ଼ କରିବାରେ ବ୍ୟାପକ ସହାୟକ ହେବ ବୋଲି ଆଶା କରାଯାଉଛି । ଏହି ଉଦ୍‌ଘାଟନୀ ଅବସରରେ ଉଦ୍‌ବୋଧନ ଦେଇ କେନ୍ଦ୍ରମନ୍ତ୍ରୀ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱରେ ଭାରତର ସାମୁଦ୍ରିକ କ୍ଷେତ୍ର ଏକ ଅଭୂତପୂର୍ବ ଆଧୁନିକୀକରଣ ଦିଗରେ ଦ୍ରୁତଗତିରେ ଆଗେଇ ଚାଲିଛି । ଗତ ୧୨ ବର୍ଷ ମଧ୍ୟରେ ଦେଶର ବନ୍ଦର ଏବଂ ଜଳପଥଗୁଡ଼ିକୁ ବିଶ୍ୱସ୍ତରୀୟ କରାଯାଇପାରିଛି । ଏହି ବିକାଶମୂଳକ କାର୍ଯ୍ୟଗୁଡ଼ିକ ଆସନ୍ତାକାଲିର 'ଆତ୍ମନିର୍ଭର ଭାରତ' ଏବଂ 'ବିକଶିତ ଭାରତ ୨୦୪୭' ସ୍ୱପ୍ନକୁ ସାକାର କରିବା ଦିଗରେ ଏକ ପ୍ରମୁଖ ଇଞ୍ଜିନ୍ ଭାବେ କାର୍ଯ୍ୟ କରିବ ।

## ଶ୍ରୀଲଙ୍କାସ୍ଥିତ ଇଣ୍ଡିଆ ହାଉସ୍‌ରେ ଭାରତୀୟ ଖେଳାଳିଙ୍କୁ ଭବ୍ୟ ସ୍ୱାଗତ



କଲମ୍ବୋ : ଶ୍ରୀଲଙ୍କା ବିପକ୍ଷ ଦ୍ୱିତୀୟ ତଥା ଶେଷ ଟେଷ୍ଟଖେଳିବା ପୂର୍ବରୁ ଗୁରୁବାର ଭାରତୀୟ ଦଳକୁ କଲମ୍ବୋସ୍ଥିତି ଇଣ୍ଡିଆ ହାଉସ୍ଠାରେ ଭବ୍ୟ ସ୍ୱାଗତ ପ୍ରଦାନ କରାଯାଇଛି । ଶ୍ରୀଲଙ୍କାରେ ଥିବା ଭାରତର ଉଚ୍ଚାୟୁକ୍ତ ସନ୍ତୋଷ ଝା ଖେଳାଳିମାନଙ୍କ ପାଇଁ ନୈ?ଶ୍ୟ ଭୋଜିର ଆୟୋଜନ କରିଥିଲେ । ଏଥିରେ ଭାରତୀୟ ଦଳ ସହ ଶ୍ରୀଲଙ୍କା ଦଳର ଖେଳାଳିମାନେ ମଧ୍ୟ ଯୋଗ ଦେଇଥିଲେ । ଏହା ଏକ 'ସ୍ମରଣୀୟ ସନ୍ଧ୍ୟା' ବୋଲି ଦୁଇ ଦଳକୁ ଆତିଥ୍ୟ ଦେଇଥିବା ଶ୍ରୀ ଝା କହିଥିଲେ ।'ଏକ୍ସ'ରେ ସେ ଲେଖିଥିଲେ, ''ଟିମ୍ ଇଣ୍ଡିଆ ପାଇଁ ଉତ୍ସାହିତ, ସଂପ୍ରତି ଏଠାରେ ଚାଲିଥିବା ଆଇସିସି ବିଶ୍ୱ ଟେଷ୍ଟ ଚାମ୍ପିଅନ୍‌ସିପ୍ ଅବସରରେ ଉଭୟ ଭାରତ ଓ ଶ୍ରୀଲଙ୍କାର ପୁରୁଷ କ୍ରିକେଟ୍ ଦଳକୁ ଆତିଥ୍ୟ ଦେଇ ବହୁତ ଖୁସି । କ୍ରିକେଟ୍ ଉଭୟ ଦେଶର ସମ୍ପର୍କକୁ ଆହୁରି ଦୃଢ଼ କରିଚାଲିଛି ।'' କଲମ୍ବୋରେ ଏକ ସ୍ମରଣୀୟ ସନ୍ଧ୍ୟା, ଶ୍ରୀଲଙ୍କାରେ ଥିବା ଭାରତର ଉଚ୍ଚାୟୁକ୍ତ ସନ୍ତୋଷ ଝା, ଶ୍ରୀଲଙ୍କା ବିପକ୍ଷ ଦ୍ୱିତୀୟ ଟେଷ୍ଟ ପୂର୍ବରୁ କଲମ୍ବୋସ୍ଥିତ ଇଣ୍ଡିଆ ହାଉସ୍‌ରେ ଟିମ୍ ଇଣ୍ଡିଆକୁ ଆତିଥ୍ୟ ଦେଇଥିଲେ । ବୋଲି ବିସିସିଆଇ 'ଏକ୍ସ'ରେ କହିଛି । ସୂଚନାଯୋଗ୍ୟ ଯେ ଭାରତ ଘରୋଇ ଦଳ ବିପକ୍ଷ ପ୍ରଥମ ଟେଷ୍ଟକୁ ୧୬୫ ରନ୍‌ରେ ଜିତିନେଇଛି । ଫଳରେ ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ଶୃଙ୍ଖଳାରେ ଭାରତ ସଂପ୍ରତି ୧-୦ରେ ଆଗରେ ରହିଛି । ଦ୍ୱିତୀୟ ଟେଷ୍ଟ ରବିବାରଠୁ କଲମ୍ବୋର ସିନ୍‌ହାଲେସେ ସ୍ପୋର୍ଟ୍ସ କ୍ଲବ୍‌ଠାରେ ଖେଳାଯିବ ।

## ବ୍ୟାଡମିଂଟନ ୱାର୍ଲ୍ଡ ଚାମ୍ପିଅନ୍‌ସିପ
## ମହିଳା ଡବଲ୍ସରେ ଭାରତକୁ ମିଳିବ ପଦକ



ନୂଆଦିଲ୍ଲୀ : ନୂଆଦିଲ୍ଲୀର ଇନ୍ଦିରା ଗାନ୍ଧୀ ଆରେନାରେ ଖେଳାଯାଉଥିବା ବ୍ୟାଡମିଂଟନ ୱାର୍ଲ୍ଡ ଚାମ୍ପିଅନ୍‌ସିପ୍ ୨୦୨୬ରେ ଭାରତୀୟ ମହିଳା ଡବଲ୍ସ ଯୋଡ଼ି ତ୍ରିଷା ଜୋଲି ଏବଂ ଗାୟତ୍ରୀ ଗୋପୀଚାନ୍ଦ ଐତିହାସିକ ପ୍ରଦର୍ଶନ କରିଛନ୍ତି । ଶୁକ୍ରବାର ଖେଳାଯାଇଥିବା ମହିଳା ଡବଲ୍ସ କ୍ୱାଟର ଫାଇନାଲ୍‌ରେ ଭାରତୀୟ ଯୋଡ଼ି କଡ଼ା ମୁକାବିଲା କରି ଚୀନ୍‌ର ଜିଆ ୟି ଫାନ୍ ଓ ଝାଙ୍ଗ ଶୁ ଜିଆନ୍‌ଙ୍କୁ ପରାସ୍ତ କରି ସେମିଫାଇନାଲ୍‌ରେ ପ୍ରବେଶ କରି ବ୍ରୋଞ୍ଜ ପଦକ ପକ୍କା କରିଛନ୍ତି । ୧ ଘଂଟା ୯ ମିନିଟ୍ ଧରି ଚାଲିଥିବା ଏହି ରୋମାଂଚକର ମ୍ୟାଚ୍‌ତ୍ରିଷା-ଗାୟତ୍ରୀ ୧୬-୨୧, ୨୧-୧୫, ୨୧-୧୩ ସେଟ୍‌ରେ ଜୟଲାଭ କରିଛନ୍ତି । ୱାର୍ଲ୍ଡ ଚାମ୍ପିଅନ୍‌ସିପ୍‌ର ମହିଳା ଡବଲ୍ସ ବିଭାଗରେ ଭାରତକୁ ଦୀର୍ଘ ୧୫ ବର୍ଷ ପରେ ପଦକ ମିଳିବାକୁ ଯାଉଛି । ଏହାପୂର୍ବରୁ ୨୦୧୧ରେ ଜ୍ୱାଲା ଗୁଟ୍ଟା ଏବଂ ଅଶ୍ୱିନୀ ପୋନ୍ନାପ୍ପାଙ୍କ ଯୋଡ଼ି ଭାରତ ପାଇଁ ବ୍ରୋଞ୍ଜ ପଦକ ଜିତିଥିଲେ । ପ୍ରଥମ ଗେମ୍‌ରେ ଚୀନ୍ ଯୋଡ଼ି ୨୧-୧୬ରେ ଆଗୁଆ ରହିଥିଲେ ହେଁ, ପରବର୍ତୀ ଦୁଇଟି ଗେମ୍‌ରେ ଭାରତୀୟ ଖେଳାଳିମାନେ ଆକ୍ରମଣାତ୍ମକ ସ୍ମାଶ୍ ଏବଂ ଦମ୍‌ଦାର ନେଟ୍ ପ୍ଲେ ବଳରେ ୨୧-୧୫ ଓ ୨୧-୧୩ରେ ଗେମ୍ ଜିତି ମ୍ୟାଚ୍ ନିଜ ନାମରେ କରିଥିଲେ । ସେମିଫାଇନାଲ୍‌ରେ ତ୍ରିଷା ଜୋଲି ଓ ଗାୟତ୍ରୀ ଗୋପୀଚାନ୍ଦଙ୍କ ମୁକାବିଲା ଚୀନ୍‌ର ଅନ୍ୟତମ ପ୍ରମୁଖ ଯୋଡ଼ି ତଥା ନମ୍ବର-୧ ବରୀୟତାପ୍ରାପ୍ତ ଲିୟୁ ଶେଙ୍ଗଶୁ ଏବଂ ଟ୍ୟାନ୍ ନିଙ୍ଗଙ୍କ ସହ ହେବ ।

## ଏଫ୍‌ଆଇଏଚ୍ ହକି ବିଶ୍ୱକପ୍ : ଆଜି ନେଦରଲାଣ୍ଡ୍‌ସକୁ ଭେଟିବ ଭାରତ



ଆମଷ୍ଟେଲଭିନ : ଭାରତୀୟ ପୁରୁଷ ଦଳ ଚଳିତ ଏଫ୍‌ଆଇଏଚ୍ ହକି ବିଶବକପ୍‌ରେ ନିଜ ନିଜର ଦ୍ୱିତୀୟ ପର୍ଯ୍ୟାୟ ଅଭିଯାନ ସହଆୟୋଜକ ନେଦରଲାଣ୍ଡ୍‌ସ ବିପକ୍ଷରୁ ଆରମ୍ଭ କରିବ । ସେମିଫାଇନାଲ୍ ପଥ ପାଇଁ ହେଉଥିବା ଏହି ପର୍ଯ୍ୟୟରେ ଭାରତୀୟ ପୁରୁଷ ଶନିବାର ଖେଳିବାକୁ ଯାଉଥିବା ନିଜର ପ୍ରଥମ ମ୍ୟାଚ୍ ଆହ୍ୱାନ ଭରା ହେବାର ସମ୍ଭାବନା ରହିଛି । ଶନିବାର ରାତି ୭.୩୦ରେ ଆମ୍‌ଷ୍ଟଲଭିନ୍‌ର ୱାଗନର ଷ୍ଟାଡିୟମ୍‌ରେ ପୁଲ୍-ଇ'ର ପ୍ରଥମ ମ୍ୟାଚ୍‌ରେ ଏହି ଦୁଇ ଦଳ ମୁହାଁମୁହିଁ ହେବେ । ଲଗାତାର ଦୁଇ ଅଲିମ୍ପିକ୍ସରେ କାଂସ୍ୟ ଜିତିଥିବା ଭାରତ ପୁଲ୍-ଡି'ରେ ଦ୍ୱିତୀୟ ସ୍ଥାନରେ ରହି ଏହି ପର୍ଯ୍ୟାୟରେ ପହଂଚିଛି । ହେଲେ ଏହି ଦଳ ବିନା ପଏଂଟରେ ପୁଲ୍-ଇ'ରେ ସ୍ଥାନ ପାଇଛି । ଅନ୍ୟପକ୍ଷରେ ପ୍ୟାରିସ୍ ଅଲିମ୍ପିକ୍ସ ବିଜେତା ନେଦରଲାଣ୍ଡ୍‌ସ ପୁଲ୍ ବିଜେତା ସହ ୩ ପଏଂଟ୍ ନେଇ ଦ୍ୱିତୀୟ ପର୍ଯ୍ୟାୟରେ ପହଂଚିଛି । ପୁଲ୍-ଡି'ର ଶୀର୍ଷ ଦଳ ଇଂଲଣ୍ଡ ୩ ପଏଂଟ୍ ସହ ଏବଂ ପୁଲ୍-ଏ'ର ଦ୍ୱିତୀୟ ଦଳ ଆର୍ଜେଂଟିନା ଶୂନ ପଏଂଟ ସହ ପୁଲ୍-ଇ'ରେ ପହଂଚିଛନ୍ତି । ଫଳରେ ନେଦରଲାଣ୍ଡ୍‌ସ ଓ ଇଂଲଣ୍ଡ ପାଇଁ ସେମିଫାଇନାଲ୍ ପଥ ସହଜ ରହିଛି । ତେଣୁ ଭାରତ ସେମିଫାଇନାଲ୍ ସ୍ଥାନ କରିବାକୁ ହେଲେ ନେଦରଲାଣ୍ଡ୍‌ସ ଓ ଆର୍ଜେଂଟିନାକୁ ହରାଇବାକୁ ପଡ଼ିବ । ନିଜର ପ୍ରଥମ ପର୍ଯ୍ୟାୟରେ କେବଳ ଇଂଲଣ୍ଡଠୁ ହାରିଥିବା ଭାରତ ୱେଲ୍ସକୁ ୩-୧ ଓ ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାକୁ ୫-୩ରେ ହରାଇଥିଲା । ହେଲେ ଦଳକୁ ଏହାଠାରୁ ଭଲ ପ୍ରଦର୍ଶନ କଲେ ନେଦରଲାଣ୍ଡ୍‌ସକୁ ହରାଇବାକୁ ସକ୍ଷମ ହେବ । ଉଭୟ ଦଳ ଏପର୍ଯ୍ୟନ୍ତ ୧୦୮ ଥର ମୁହାଁମୁହିଁ ହୋଇଥିଲା ବେଳେ ନେଦରଲାଣ୍ଡ୍‌ସ ୪୮ ଓ ଭାରତ ୩୩ରେ ଜିତିଥିଲା ବେଳେ ଅନ୍ୟଗୁଡ଼ିକ ଅମୀମାଂସିତ ରହିଥିଲା ।

Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- **Laxminarayan Mohanty**, ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି BBSR (Office) Telefax- 0674-2395135, Editor- **Nirmalya Mohanty**, ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**